ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94

Vol.27 | Issue - 15 | 9 - 15 April 2023 | Sambalpur | Page- 8 | Invitation Price Rs.10



# ବିପର୍ଯ୍ୟୟର ମୁକାବିଲା ଏବେ ବୈଶ୍ୱିକ ଏବଂ ଜାତୀୟ ବିକାଶ ପରିଦୃଶ୍ୟର କେନ୍ଦ୍ରରେ ରହିଛି : ପି.କେ ମିଶ୍ର

ନୂଆଦିଲ୍ଲୀ: ବିପର୍ଯ୍ୟୟର ମୁକାବିଲା ଏବେ ବୈଶ୍ୱିକ ଏବଂ ଜାତୀୟ ବିକାଶ ପରିଦୃଶ୍ୟର କେନ୍ଦ୍ରରେ ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ଉପରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ଡକ୍ଟର ମିଶ୍ର କହିଥିଲେ ଯେ, ଏହା ଏବେ କେବଳ ଏକ ସ୍ଥାନୀୟ ବିଷୟ ହୋଇ ରହି ନାହିଁ । ଏହା ବିଶ୍ୱ ଏବଂ ଜାତୀୟ ବିକାଶ ପରିଦୃଶ୍ୟରେ ଏକ ପ୍ରମୁଖ ସ୍ଥାନକୁ ଆସିପାରିଛି । ବିଗତ କିଛି ବର୍ଷ ଧରି ଆମେ ସମସ୍ୟାକୁ ଭଲ ଭାବେ ବୁଝିବାରେ ସକ୍ଷମ ହୋଇପାରିଛୁ । ଆଧୁନିକ ଭିତ୍ତିଭୂମି ବ୍ୟବସ୍ଥା ପରସ୍ପର ସହ ସଂଯୁକ୍ତ ହୋଇ ରହିଛି । ଆମକୁ ବିଶ୍ୱର ସେହି ଅଗଣିତ ଲୋକମାନଙ୍କୁ ଦ୍ରୁତଗତିରେ ଭିତ୍ତିଭୂମି ସେବା ଯୋଗାଇ ଦେବାର ଆବଶ୍ୟକତା ରହିଛି ଯେଉଁମାନେ ପୂର୍ବରୁ ଏଭଳି କୌଣସି ସେବା ପାଇବାରୁ ବଞ୍ଚିତ ରହିଛନ୍ତି । ଏଭଳି ବ୍ୟବସ୍ଥା ସହନଶୀଳ ହେବା ଜରୁରୀ । ଦ୍ରୁତ ଗତିରେ ସାମାଜିକ ଆର୍ଥିକ ଏବଂ ପ୍ରାକୃତିକ ବ୍ୟବସ୍ଥା ପରିବର୍ତ୍ତିତ ହେଉଥିବା ପରିପ୍ରେକ୍ଷୀରେ ଆମକୁ ଏହା ହାସଲ କରିବାକୁ ହେବ ।

ଡକ୍ଟର ମିଶ୍ର କହିଥିଲେଯେ, ଏ ଦିଗରେ ସ୍ୱାଭାବିକ ଭାବେ ଅଗ୍ରଗତି କରିବାକୁ ହେଲେ ସମସ୍ୟାର ବର୍ଣ୍ଣନା କରିବା ଠାରୁ ଉର୍ଦ୍ଧ୍ୱକୁ ଯାଇ ସମାଧାନ ଖୋଜିବାକୁ ହେବ । ସମାଧାନର ସନ୍ଧାନ ଦିଗରେ ଏସବୁ ଦିଗ ବେଶ ଗୁରୁତ୍ୱପୂର୍ଣ୍ଣ । ଆମକୁ ଏହା ଗ୍ରହଣ କରିବାକୁ ହେବ ଯେ ବ୍ୟବସ୍ଥିତ ଦୃଷ୍ଟିକୋଣ ରହିଥିବା ଆଧୁନିକ ସଂସ୍ଥାନ ନିର୍ମାଣ ସଫଳତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରାକ-ଆବଶ୍ୟକତା ଅଟେ । ବିଂଶ ଶତାବ୍ଦୀର ସଂସ୍ଥାଗତ ଦୃଷ୍ଟିକୋଣ ନେଇ ଆମେ ଏକବିଂଶ ଶତାବ୍ଦୀର ସମସ୍ୟାକୁ ସମାଧାନ କରିପାରିବା ନାହିଁ ।

ସେ କହିଥିଲେ ଯେ, ସଡ଼କପଥ, ରେଳପଥ, ବିମାନମାର୍ଗ ଓ ଜଳମାର୍ଗ ମନ୍ତ୍ରଣାଳୟକୁ ପରସ୍ପର ସହ ଏକାଠି କରିବା ସହଜ କଥା ନୁହେଁ । କାରଣ ଏସବୁ ସଂସ୍ଥା ଶହ ଶହ ବର୍ଷ ହେବ ଭିନ୍ନ ଭିନ୍ନ କାର୍ଯ୍ୟପଦ୍ଧତିରେ ଚାଲି ଆସୁଛନ୍ତି । କିନ୍ତୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ସଂସ୍ଥା ଗଢ଼ିବାର କଠିନ ଶ୍ରମ କରି ନ ପାରିଲେ ଆମେ ଦୀର୍ଘକାଳୀନ ଭିତ୍ତିରେ ଦକ୍ଷ କିମ୍ବା ସହନଶୀଳ ଭିତ୍ତିଭୂମି ନିର୍ମାଣ କରିବାରେ ସକ୍ଷମ ହୋଇପାରିବା ନାହିଁ । ସଂକ୍ଷେପରେ କହିବାକୁ ଗଲେ, ଅଧିକ ନ ହେଉ ପଛେ, ଯେତିକି ହେଉ ଆମକୁ ପ୍ରଯୁକ୍ତିଗତ ଉଦ୍ଭାବନ ଅନୁରୂପ ସଂସ୍ଥାଗତ ଉଦ୍ଭାବନ ଉପରେ ବିଶେଷ ଧ୍ୟାନ ଦେବାକୁ ହେବ ।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ଯେ, ଆମର ଭିତ୍ତିଭୂମି ପ୍ରଣାଳୀ ମଧ୍ୟରେ ଆମକୁ ଧ୍ୟାନର ସହକାରେ ବୈକଳ୍ପିକତା ଉପରେ ଚିନ୍ତା କରିବାକୁ ହେବ । ଅନେକ ପରିବର୍ତ୍ତନ ମଧ୍ୟରେ, ଆମକୁ ପ୍ରଗତିଶୀଳ ଦୃଷ୍ଟିକୋଣକୁ ଗ୍ରହଣ କରିବାକୁ ହେବ ଏବଂ ପରିବର୍ତ୍ତିତ ପରିଦୃଶ୍ୟର ମୁକାବିଲା କରିବା ଦିଗରେ ଆମେ ସକ୍ଷମ ହେବା ଆବଶ୍ୟକ । ଯଦି ଭବିଷ୍ୟତ ଅନିଶ୍ଚିତ, ତା'ହେଲେ ଆମେ କେବଳ ଗୋଟିଏ କାର୍ଯ୍ୟ ପଦ୍ଧତିରେ ବାନ୍ଧି ହୋଇଯିବା ଉଚିତ୍ ନୁହେଁ ।

ସେ ଆହୁରି କହିଥିଲେ ଯେ, ଆମ ସଂସ୍ଥାନ



ଗୁଡ଼ିକର ଆଧୁନିକୀକରଣ କରିବା ଏବଂ ସତର୍କ ଓ ସକ୍ରିୟ ହେବା ଲାଗି ସେଭଳି କ୍ଷମତାର ଆବଶ୍ୟକତା ରହିଛି । ଉଭୟ ଦକ୍ଷିଣ ଓ ଉତ୍ତରରେ ଏଭଳି କ୍ଷମତାର ଅଭାବ ରହିଛି । ଆମକୁ ଏଭଳି ପେଶାଦାରଙ୍କ ଆବଶ୍ୟକତା ରହିଛି ଯେଉଁମାନେ ନିଜ ବିଷୟରେ ଗଭୀର ଭାବେ ବୁଡ଼ି ରହିଥିବେ କିନ୍ତୁ ଅନ୍ୟ ସଂଖ୍ୟାଧିକ ତଥା ବିବିଧ ବିଷୟର ସମନ୍ୱୟରେ କାର୍ଯ୍ୟ କରିବା ଲାଗି ସକ୍ଷମ ହୋଇଥିବ । ଆମକୁ ଏଭଳି ଇଞ୍ଜିନିୟରଙ୍କ ଆବଶ୍ୟକତା ରହିଛି ଯେଉଁମାନେ ସାମାଜିକ ଓ ଆର୍ଥିକ ଚିନ୍ତାକୁ ବୁଝି ପାରୁଥିବେ ଏବଂ ଆମକୁ ଏପରି ସାମାଜିକ ବୈଜ୍ଞାନିକମାନଙ୍କର ଆବଶ୍ୟକତା ରହିଛି । ଯେଉଁମାନେ ପ୍ରଯୁକ୍ତି ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତିକୁ ସ୍ୱୀକାର କରୁଥିବେ । ଏହି ସନ୍ଦର୍ଭରେ, ସୁଦୃଢ଼ ମୌଳିକ ଭିତ୍ତିଭୂମି ଲାଗି ଏକ ବହୁବିଷୟକ ଶିକ୍ଷଣୀୟ ନେଟୱର୍କ ଆରମ୍ଭ କରିବାରେ ସିଡିଆରଆଇର ପ୍ରୟାସ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ।

ଶ୍ରୀ ମିଶ୍ର କହିଥିଲେ ଯେ, ଏବେ ଆମେ ଉତ୍ତର-ଦକ୍ଷିଣ, ଦକ୍ଷିଣ-ଦକ୍ଷିଣ, ଉତ୍ତର-ଉତ୍ତର ମଧ୍ୟରେ ବିନିମୟ ସୁବିଧା ଚାହୁଁଥିବା ବେଳେ ଆମକୁ ମୌଳିକ ଭିତ୍ତିଭୂମି ସହ ଜଡ଼ିତ ସେବାର ଏକ ବଡ଼ ଭାଗକୁ ଦକ୍ଷିଣ (ଗ୍ଲୋବାଲ୍ ସାଉଥ) ରେ ବିତରିତ କରିବାକୁ ହେବ । ଏଥିପାଇଁ ଆମକୁ ନିଜ ସମାଧାନର ଅନ୍ୱେଷଣରେ ପ୍ରଗତିଶୀଳ ଅର୍ଥବ୍ୟବସ୍ଥା ଗୁଡ଼ିକର ସାମର୍ଥ୍ୟ ଓ ସେଗୁଡ଼ିକର ବ୍ୟାପକତା ଓ ସ୍ଥିରତା ପ୍ରତି ଧ୍ୟାନ ଦେବାକୁ ହେବ ।

କେବଳ ଭୌତିକ ସମ୍ପତ୍ତି ସୃଷ୍ଟି କରିବା ବିପରୀତ, ଲୋକମାନଙ୍କୁ ଭରସାଯୋଗ୍ୟ ଭିତ୍ତିଭୂମି ସେବା ଯୋଗାଇ ଦେବା କ୍ଷେତ୍ରରେ ପରିଣାମକୁ ଆକଳନ କରିବା ଜରୁରୀ ଏବଂ ଏହାକୁ ଏବେ ସର୍ବତ୍ର ମାନ୍ୟତା ମିଳିଛି ।

ଯଦି ଆମେ ନିଜ ସଂସ୍ଥା ଗୁଡ଼ିକର ଆଧୁନିକୀକରଣ ପ୍ରତି ଧ୍ୟାନ କେନ୍ଦ୍ରିତ କରୁଛୁ, ବୈକଳ୍ପିକତା ବଜାୟ ରଖୁଛୁ, ବହୁ ବିଷୟକ କ୍ଷମତା ନିର୍ମାଣ କରୁଛୁ ଏବଂ ବିକାଶଶୀଳ ଅର୍ଥବ୍ୟବସ୍ଥା ପାଇଁ କ'ଣ ଉପଯୋଗୀ ହେବ ସେଥିପ୍ରତି ଧ୍ୟାନ କେନ୍ଦ୍ରିତ କରୁଛୁ ତଥା ଲୋକମାନଙ୍କୁ ନିଜ ନିର୍ଣ୍ଣୟର କେନ୍ଦ୍ରରେ ରଖୁଛୁ ତା'ହେଲେ ଆମେ ନିଜ ଭବିଷ୍ୟତ ପିଢ଼ି ପାଇଁ ଏକ ସୁଦୃଢ଼ ମୌଳିକ ଭିତ୍ତିଭୂମି ନିର୍ମାଣ ଲାଗି ମାର୍ଗ ପ୍ରଶସ୍ତ କରିବାରେ ସକ୍ଷମ ହୋଇପାରିବା ବୋଲି ସେ କହିଥିଲେ । ଡକ୍ଟର ମିଶ୍ର ଆହୁରି କହିଥିଲେ ଯେ, ଆମେ ଜଟିଳ ଆହ୍ୱାନ ଏବଂ ଅନିଶ୍ଚିତତା ପୂର୍ଣ୍ଣ ଅଭୁତପୂର୍ବ ସମୟ ଦେଇ ଗତି କରୁଛୁ । ଏଥିସହିତ ଆମ ଆଗରେ ଅଦ୍ୱିତୀୟ ସମ୍ଭାବନା ରହିଛି । ସୁଦୃଢ଼ତାର ସହ ଜଡ଼ିତ ବିଷୟ ଉପରେ ବିଶ୍ୱସ୍ତରରେ ଗତି ଦେଖିବାକୁ ମିଳୁଛି । ଏବେ ଜି-୨୦ର ସଦସ୍ୟ ଦେଶ ବିପର୍ଯ୍ୟୟ ସଂକ୍ରାନ୍ତ ବିପତ୍ତିକୁ ହ୍ରାସ କରିବା ସହ ଜଡ଼ିତ ବିଷୟ ଉପରେ ଆଲୋଚନା କରିବା ଲାଗି ପ୍ରଥମ ଥର ପାଇଁ ଏକତ୍ରିତ ହୋଇଥିଲେ । ଦୁଇ ମାସରୁ ମଧ୍ୟ କମ୍ ସମୟ ମଧ୍ୟରେ ମିଳିତ ଜାତିସଂଘ ସେଣ୍ଡାଇ ଫ୍ରେମୱର୍କ ଉପରେ ହୋଇଥିବା ଅଗ୍ରଗତି ଉପରେ ଆଲୋଚନା କରିବା ଲାଗି ଉଚ୍ଚସ୍ତରୀୟ ରାଜନୈତିକ ମଞ୍ଚ ଆୟୋଜନ କରିବାକୁ ଯାଉଛି । ଏହା ଏକ ମହାନ ସୁଯୋଗ ମିଳିଥିବାରୁ ଏହାର ସଦୁପଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ ।

## ମୋଦୀ ପୁଣି ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା

ନୂଆଦିଲ୍ଲୀ : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପୂନର୍ବାର ବିବେଚିତ ହୋଇଛନ୍ତି । ମର୍ଣ୍ଣିଂ କନସଲ୍ଟ ପକ୍ଷରୁ ଜାରି ରିପୋର୍ଟ ଅନୁଯାୟୀ ମୋଦୀ ୭୬ ପ୍ରତିଶତ ରେଟିଂ ପଏଣ୍ଟ ପାଇ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପରିଗଣିତ ହୋଇଛନ୍ତି । ଗତ ଫେବୃଆରୀରେ ମର୍ଣ୍ଣିଂ କନସଲ୍ଟ ପକ୍ଷରୁ ହୋଇଥିବା ସର୍ଭେରେ ମଧ୍ୟ ମୋଦୀ



ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ବିବେଚିତ ହୋଇଥିଲେ । ସେତେବେଳେ ମୋଦୀଙ୍କ ରେଟିଂ ପଏଣ୍ଟ ୭୮ ରହିଥିବାବେଳେ ଏଥିରେ ୨ପଏଣ୍ଟ ହ୍ରାସ ଘଟିଛି । ଅନ୍ୟମାନଙ୍କ ମଧ୍ୟରେ ମେକ୍ସିକୋ ରାଷ୍ଟ୍ରପତି ଆଡ୍ରେସ ମାନୁଏଲ ଲେପେଜ୍ ଓବ୍ରାଡର ୬୧ ପ୍ରତିଶତ ରେଟିଂ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିପରି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆୟୋନୀ ଆଲବାନିଜ୍ ୫୫, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ୪୯, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲ୍ ୪୯, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ୪୧ ପଏଣ୍ଟ ପାଇ ଯଥାକ୍ରମେ ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି । ଏହା ପଛକୁ କାନାନା ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡେଯୁ ୭ମ, ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନଚେଜ୍ ୮ମ, ଜର୍ମାନୀ ଚାନସ୍ଲେର ଓଲଫା ସ୍କୋଲାଜ ୯ମ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ୧୦ ସ୍ଥାନରେ ରହିଛନ୍ତି । ମର୍ଣ୍ଣିଂ କନସଲ୍ଟ ଏକ ରାଜନୈତିକ ଗୁଇନ୍ଦା ସଂସ୍ଥା ଯାହା ବିଭିନ୍ନ ସରକାରୀ ନେତାଙ୍କ ରେଟିଂ ପ୍ରଦାନ କରିଥାଏ ।

## କ୍ରିଷ୍ଣା ପଟେଲ ପାଇଲେ ପଦ୍ମଶ୍ରୀ



ନୂଆଦିଲ୍ଲୀ: ପ୍ରସିଦ୍ଧ 'ରଙ୍ଗବତୀ' ଗୀତର ଗାଇକା ଡକ୍ଟର କ୍ରିଷ୍ଣା ପଟେଲ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଏଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ କ୍ରିଷ୍ଣାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ ।

(ସବିଶେଷ ବିବରଣୀ ୭ମ ପୃଷ୍ଠାରେ)

## ପବିତ୍ର ଗୁଡ୍ ଫ୍ରାଇଡେ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାକୁ ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

## ଏ ସଂଖ୍ୟାରେ..



ଶରୀର ପାଇଁ ଲାଭ ଖଜୁରୀ



ଗୁଣକାରୀ କଲରା



ଶରୀର ପାଇଁ ପିଜୁଳି



କିଡ଼ନୀ ଷ୍ଟୋନକୁ ଦୂର କରେ କମଳା



ଶରୀର ପାଇଁ ହିତକର ପୋଇ



ପାଇନ ନଟ୍‌ର ଉପକାରିତା

# ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ଓ ପ୍ରଚାରରେ ବିଜେଡି ଆଗୁଆ

ଝାରସୁଗୁଡ଼ା : ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବିଜେଡି ଜୋର୍‌ଦାର ପ୍ରସ୍ତୁତି ଚଳାଇଛି । ପ୍ରଥମ ଦଳ ଭାବେ ପ୍ରାର୍ଥୀ ଘୋଷଣା କଲା ପରେ ଏବେ ବରିଷ୍ଠ ନେତାମାନଙ୍କୁ ଦାୟିତ୍ୱ ବଣ୍ଟା ଚାଲିଛି । ପ୍ରଥମେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର ଓ ସାରଦା ପ୍ରସାଦ ନାୟକଙ୍କୁ ପର୍ଯ୍ୟବେକ୍ଷକ ଭାବେ ଉପନିର୍ବାଚନ ପରିଚାଳନାର ଦାୟିତ୍ୱ ଦିଆଯାଇଥିଲା । ପରେ ଆଉ ୧୨ ଜଣ ନେତାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି । ସେମାନଙ୍କୁ ପୌରପାଳିକା ଓ ବ୍ଲକ୍ ଦାୟିତ୍ୱ ବଣ୍ଟନ କରାଯାଇଛି । କିର୍ମିରା ବ୍ଲକ୍ ପାଇଁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଟୁକୁନି ସାହୁ, କୋଲାବିରା ବ୍ଲକ୍ ପାଇଁ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ସରୋଜ ମେହେର, ଝାରସୁଗୁଡ଼ା ବ୍ଲକ୍ ପାଇଁ ବିଧାୟକ ପଦ୍ମନାଭ ବେହେରା ଓ ଅରୁଣ କୁମାର ସାହୁ, ଲଇକେରା ବ୍ଲକ୍ ପାଇଁ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଝାରସୁଗୁଡ଼ା ପୌରପାଳିକା ପାଇଁ 'ପ୍ରତାପ ଜେନା, ପୁଷ୍ପେନ୍ଦ୍ର ସିଂହଦେଓ, ସ୍ନେହାଙ୍ଗିନୀ ଛୁରିଆ ଓ ରୀତା ସାହୁଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛି । କଂଗ୍ରେସ ଓ ବିଜେପି ଏ ଯାଏ ପ୍ରାର୍ଥୀ ଘୋଷଣା କରିନାହାନ୍ତି । ମେ' ୧୦ ତାରିଖରେ ଏଠାରେ ଭୋଟ୍ ଗ୍ରହଣ କରାଯିବ ।

ତେବେ ପଶ୍ଚିମ ଓଡ଼ିଶାର ପ୍ରଭାବଶାଳୀ ନେତା କୁହାଯାଉଥିବା ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ନାମ ତାଲିକାରେ ନାହିଁ । ଏହାକୁ ନେଇ ଏବେ ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି ।

ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧିନରେ ହୋଇଥିବା ପଦ୍ମପୁର, ବିଜେପୁର, ବ୍ରଜରାଜନଗର ଉପନିର୍ବାଚନରେ ସୁଶାନ୍ତ ପରିଚାଳନା ଦାୟିତ୍ୱ ନେଇଥିଲେ । ଏହାସହ ପଞ୍ଚାୟତ ନିର୍ବାଚନରେ ସେ ବିଭିନ୍ନ ଜିଲାକୁ ଗସ୍ତକରି ବିଜେଡିକୁ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ତାଙ୍କ ସୁପାରିଶରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ପରିଷଦ୍ ସଭାପତି, ଉପସଭାପତି, ବ୍ଲକ ଅଧକ୍ଷ ହୋଇଛନ୍ତି । ତେବେ ଏବେ ବିଜେଡିରେ ସୁଶାନ୍ତଙ୍କ ଗୁରୁତ୍ୱ କମିଯାଉଥିବା ଦେଖିବାକୁ ମିଳିଛି । ଝାରସୁଗୁଡ଼ା ଉପନିର୍ବାଚନର ପରିଚାଳନା ଲାଗି ପ୍ରକାଶିତ ପର୍ଯ୍ୟବେକ୍ଷକ ତାଲିକାରେ ତାଙ୍କର ନାମ ନାହିଁ । ପୂର୍ବରୁ ମନ୍ତ୍ରୀ ପଦରୁ ତାଙ୍କୁ ହଟାଇ ଦିଆଯାଇଥିଲା । ଦେବଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ପଦରୁ ମଧ ତାଙ୍କୁ ହଟାଯାଇ କେବଳ ବଲାଙ୍ଗୀର ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି । ଅନ୍ୟପଟେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ସହ ସୁଶାନ୍ତଙ୍କ ସମ୍ପର୍କ ଭଲ ନ ଥିବା ନେଇ ସେତେବେଳେ ଆଲୋଚନା ହେଉଥିଲା । ପୁଣି ନବଦାସ ହତ୍ୟାକାଣ୍ଡ ଘଟଣାରେ ସୁଶାନ୍ତଙ୍କ ସମ୍ପୃକ୍ତି ନେଇ ଗତ ବିଧାନସଭାରେ ବିରୋଧୀଦଳ ଅଭିଯୋଗ ଆଣିଥିଲେ । ଏପରିକି ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟକ ଦଳନେତା ନରସିଂହ ମିଶ୍ର ଦାବି କରିଥିଲେ । ଝାରସୁଗୁଡା ଉପନିର୍ବାଚନରେ କାଳେ ବିରୋଧୀ ଏହି ପ୍ରସଙ୍ଗକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି କରିବେ । ସେହି ଆଶଙ୍କା କରି ବିଜେଡି ତାଙ୍କୁ ଉପନିର୍ବାଚନ ପ୍ରମୁଖ ପରିଚାଳନା ଦାୟିତ୍ୱରୁ ଦୂରେଇ ରଖିବାନେଇ ଚର୍ଚ୍ଚା ହେଉଛି ।

# ବିଜେପୁରରେ ମାଁ ତାରିଣୀଙ୍କ ରତ୍ନମୁଦ ମହୋତ୍ସବ

ବିଜେପୁର: ଚୈତ୍ର ପୂର୍ଣ୍ଣମୀ ଦିବସରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ସରକାରୀ ଡାକ୍ତରଖାନା ନିକଟରେ ଥିବା ମାଁ ତାରିଣୀଙ୍କ ପୀଠ ଠାରେ ନିର୍ମାଣାଧୀନ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କର୍ତ୍ତା ଭାବେ ଶ୍ରୀ ହରେକୃଷ୍ଣ ସେନାପତି, ପତ୍ନୀ ଶ୍ରୀମତୀ ସେନାପତି, ଶୈଳେନ୍ଦ୍ର ପଣ୍ଡା, ପତ୍ନୀ ତେଜି ପଣ୍ଡା, ଜୟନ୍ତ ଭାରତୀ ପତ୍ନୀ ରୁକ୍ମଣୀ ଭାରତୀ ଦାୟିତ୍ୱ ତୁଲାଇଥିବା ବେଳେ, ପୂଜକ ଭାବେ ସୁରେନ୍ଦ୍ର ମହାପାତ୍ର, ଚନ୍ଦନ ଶର୍ମା ଦାୟିତ୍ୱ ନିର୍ବାହ କରିଥିଲେ । ମଙ୍ଗଳ ଆଳତୀ,ଭୋଗଲାଗି ପରେ ହୁଳହୁଳି, ଶୁଭ ଶଙ୍ଖଘଣ୍ଟ ଦୁଲଦୁଲି ବାଜାର ତାଳେତାଳେ ଦାମୋଦର ପୋଖରୀରୁ ଭକ୍ତ ମାଆ ମାନେ ୧୦୮ କଳସ ଜଳ ଆଣି ପୂଜାପୀଠରେ ସ୍ଥାପନ କରିଥିଲେ । ପରେ ଶତାଧିକ ଭକ୍ତଗଣ ରତ୍ନମୁଦ ସ୍ଥାନକୁ ଯାଇ ଧାନ, ପଞ୍ଚରତ୍ନ ଆଦି ଅର୍ପଣ କରିଥିଲେ । ସର୍ବଶ୍ରୀ ଜଗଦୀଶ ମହାପାତ୍ର, ଗିରିଧାରୀ ଦାଶ, ପ୍ରଫୁଲ୍ଲ ଦାଶ, ଯୁଧିଷ୍ଠିର ରଣା, ଦିପକ ପାଣିଗ୍ରାହୀ, ଗୋପାଳ ଦାଶ, ସୁଦାମ ଖର୍ସେଲ, ଦେବାଶିଷ ଦାଶ, ଚିତ୍ତରଞ୍ଜନ ମହାପାତ୍ର, ମୁକ୍ତି ମେହେର,ରମେଶ ସାହୁ, ରାଧାକାନ୍ତି ପଧାନ ପ୍ରମୁଖ ସହଯୋଗ କରିଥିଲେ । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ, ବରିଷ୍ଠ ବିଜେଡି ନେତା ଟିକାୟତ ମହୋତମ୍, ରଙ୍ଗିନୀ ମାହାଣା, ବ୍ଲକ ଚ୍ୟାରମେନ ମୋତିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶେରଗଡ଼ରେ ଭାଗବତ ସପ୍ତାହ

ବ୍ରହ୍ମପୁର : ସ୍ଥାନୀୟ କଳିଙ୍ଗ ବୈଶ୍ୟ ସମାଜ ଗୃହଠାରେ ସପ୍ତାହ ବ୍ୟାପି ଶ୍ରୀମଦ୍ ଭାଗବତ କଥାମୃତ କାର୍ଯ୍ୟକ୍ରମ ଶେରଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଗବତ ଭାସ୍କର ପଣ୍ଡିତ ଜଗନ୍ନାଥ ପଣ୍ଡା ଯୋଗ ଦେଇ ଭାଗବତ ଉପରେ ପ୍ରବଚନ ଦେଇଥିଲେ । ଉଦ୍‌ଯାପନୀ ଦିବସରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ପ୍ରଦୀପ ପ୍ରଜ୍ୱଳନ କରି ଆଜିର ସମାଜରେ ଭାଗବତ ଚେତନାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଅବସରରେ ବୃନ୍ଦାବନବାସୀ ସୁଚିତ୍ର ମହାରାଜ, ସତ୍ୟସାଇ ସଂଗଠନର ମୁଖ୍ୟ ମୁନା ଦାଶ, ବାବୁଲି ପାତ୍ର, ସମାଜସେବୀ ବଳରାମ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଶେରଗଡ଼ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, କଳିଙ୍ଗ ବୈଶ୍ୟ ସମାଜର ସଭାପତି ଅଶୋକ କୁମାର ପାତ୍ର, ପୂର୍ବତନ ସଭାପତି ବି. ଚେଇନି ପାତ୍ର, ସଭ୍ୟ ଏସ. କାମେଶ୍ୱର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଭିସୁଟ୍‌ରେ ବାର୍ଷିକ ବୈଷୟିକ ଉତ୍ସବ 'ସ୍ଥାପନା'

ବୁର୍ଲା: ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଇ-ଲର୍ନିଂ ସେଣ୍ଟରରେ କୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ଅଧକ୍ଷତାରେ ସିଭିଲ୍ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ବାର୍ଷିକ ବୈଷୟିକ ଉତ୍ସବ 'ସ୍ଥାପନା' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ କମିସନର ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ ଉଦ୍ଦେଶ୍ୟରେ ୧୧ଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସେଥି ମଧରୁ କୁଇଜ୍, ମନ୍ୟୁମେଣ୍ଟ ଡ୍ରଇଂ, ଅଟୋକାର୍ଡ ପ୍ରତିଯୋଗିତା, ଟେକ୍ନିକାଲ ଡିବେଟ୍, ଟ୍ରେଜର ହଣ୍ଟ ଆଦି ନିର୍ମାଣ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଛାତ୍ରମାନଙ୍କ ପାଇଁ ଜ୍ଞାନ ଏବଂ ବ୍ୟବହାରିକ ଅଭିଜ୍ଞତା ହାସଲ କରିବାକୁ ଲକ୍ଷ୍ୟ ରଖି ଆୟୋଜନ ଯାଇଥିଲା । ଏହା ଆଗାମୀ ଦିନରେ ଛାତ୍ରମାନଙ୍କୁ ସେମାନଙ୍କ ସୃଜନଶୀଳତା ଓ ସମସ୍ୟା ସମାଧାନର କୌଶଳ ବୃଦ୍ଧି କରିବାରେ ସହାୟକ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଡ. ରାକେଶ ରୋଶନ ଦାଶ, ସୌଭାଗ୍ୟ କୁମାର ପାଣିଗ୍ରାହୀଙ୍କ ସହିତ ବିଶ୍ୱବିଦ୍ୟାଳୟର ଅନ୍ୟ ଅଧାପକ ଅଧାପିକା ତଥା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ପାଳିତ

ସୁବର୍ଣ୍ଣପୁର: ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବିଧାନସଭା ଦହ୍ୟା ଠାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନାଇ ଚରଣ ଡାଙ୍ଗ, ୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ, ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ମଣ୍ଡଳ ସଭାପତି ଯୀଶୁ ପ୍ରଧାନ, ନିରଞ୍ଜନ କର୍ଣ୍ଣ, ପଞ୍ଚମନ ଜଗଦଳା, ଯୁବନେତା ତ୍ରିବିକ୍ରମ ମହାକୁଳ, ତୋଷିତ ଡାଙ୍ଗ, ଅଜିତ ମହାକୁଳ ପ୍ରମୁଖ ଯୋଗ ଦେଇଥିଲେ ।

# ସ୍ୱାସ୍ଥ୍ୟ ଉପରେ ଶାସ୍ତ୍ରୀୟ ସଂଗୀତର ପ୍ରଭାବ

ଭାରତୀୟ ସଂସ୍କୃତିକୁ ନିଜର ସୃଜନଶୀଳତା, କଳାତ୍ମକତା ଓ ଜୀବନ୍ତତା କାରଣରୁ ସର୍ବତ୍ର ପ୍ରଶଂସା କରାଯାଉଛି । ଏହାକୁ ସମଗ୍ର ବିଶ୍ୱରେ ବିଦ୍ୟମାନ ସଂସ୍କୃତିଗୁଡିକ ମଧରେ ଶ୍ରେଷ୍ଠତମ ବୋଲି ସ୍ୱୀକାର କରାଯାଉଛି ।

ଭାରତୀୟ ସଂସ୍କୃତି ପ୍ରାଚୀନ କାଳରୁ ହିଁ ବିଦେଶୀମାନଙ୍କୁ ପ୍ରଭାବିତ କରି ଆସୁଛି । ଭାରତୀୟ ଚିନ୍ତନ ଅନୁସାରେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ସଂବାହକ ହେଉଛି– କଳା । ଜୀବନରେ ସକାରାତ୍ମକ ପ୍ରବୃତ୍ତି, ଉଲ୍ଲାସ ଓ ଉତ୍ସାହ ଭରିବା ପାଇଁ କଳା ସର୍ବଦା ମନୁଷ୍ୟକୁ ପ୍ରେରିତ କରି ଆସୁଛି । ଯାହା ମଧରେ ଲଳିତ କଳାଗୁଡିକୁ ସବୁଠାରୁ ଉତ୍କୃଷ୍ଟ ବୋଲି ସ୍ୱୀକାର କରାଯାଇଛି ।

ଏହି ଲଳିତ କଳାଗୁଡିକ ମଧରେ ସଂଗୀତର ସ୍ଥାନ ସର୍ବୋପରି । ସଂଗୀତ ଏପରି ଏକ ବିଧାନ, ଯାହା ମାନବ ଚିତ୍ତ ଉପରେ ଅଲିଭା ଛାପ ଛାଡିଥାଏ । ଭାରତୀୟ ଶାସ୍ତ୍ରୀୟ ସଂଗୀତକୁ ବିଶ୍ୱର ଅନ୍ୟ ଦେଶଗୁଡିକର ସଂଗୀତଗୁଡିକ ମଧରେ ଶ୍ରେଷ୍ଠ ବୋଲି ସ୍ୱୀକାର କରାଯାଇଛି । ଭାରତୀୟ ଶାସ୍ତ୍ରୀୟ ସଂଗୀତର ଜନ୍ମ ବୈଦିକ ଯୁଗରେ ହୋଇଥିଲା । ସେହି ସମୟରେ ସଂଗୀତ ଈଶ୍ୱରପ୍ରାପ୍ତିର ସୋପାନ ଥିଲା । ଦେଶର ପ୍ରମୁଖ ଗ୍ରନ୍ଥ ଗୀତାକୁ ଶ୍ରୀକୃଷ୍ଣ କହିକରି ନୁହେଁ, ଗାନ କରି ଶୁଣାଇ ଥିଲେ, ତେଣୁ ତାହାର ନାମ ଗୀତା ହେଲା ।

ଋଗ୍‌ବେଦରେ ମଧ କୁହାଯାଇଛି ଯେ ତୁମେ ଯଦି ସଂଗୀତ ମାଧମରେ ଈଶ୍ୱରଙ୍କୁ ଡାକିବ ତେବେ ସେ ତୁମର ହୃଦୟ କନ୍ଦରରେ ପ୍ରକଟ ହୋଇ ନିଜର ପ୍ରେମ ପ୍ରଦାନ କରିବେ । ସଂଗୀତରେ ଈଶ୍ୱର ଅଛନ୍ତି । ଭାରତୀୟ ଶାସ୍ତ୍ରୀୟ ସଂଗୀତ କେବଳ ଲୋକ ମନୋରଂଜନର ହିଁ ସାଧନ ନୁହେଁ । ଏହାର ସମ୍ବନ୍ଧ ପ୍ରକୃତି ଓ ମାନବ ଶରୀର ସହିତ ମଧ ରହିଛି । ଭାରତର ପ୍ରାଚୀନ ବେଦରେ ଭାରତୀୟ ସଂସ୍କୃତି ଓ ଜୀବନର ରୀତିନୀତିର ବର୍ଣ୍ଣନ କରାଯାଇଛି । ସେଥିରେ ସଂଗୀତକୁ ସବୁଠାରୁ ଶ୍ରେଷ୍ଠ କୁହାଯାଇଛି ।

ଭାରତୀୟ ଶାସ୍ତ୍ରୀୟ ସଂଗୀତ ମାନବ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ସଂଗୀତର ସାତ ସ୍ୱର 'ସା, ରେ, ଗା, ମା, ପା, ଧା, ନି'ର ଶରୀର ଉପରେ ବିଶେଷ ପ୍ରଭାବ ପଡିଥାଏ । ବେଦରେ ଶରୀରର ସାତ ଚକ୍ରର ବର୍ଣ୍ଣନ କରାଯାଇଛି, ଯାହା ମାନବ ଶରୀରର ବିଭିନ୍ନ ଭାଗର ସଂଚାଳନ କରିଥାଏ । ସଂଗୀତର ସାତ ସ୍ୱର ଏହି ସାତ ଚକ୍ର ଉପରେ ବିଭିନ୍ନ ପ୍ରଭାବ ପକାଇ ଥାଏ ।

'ସା-ମୂଳାଧାର', 'ରେ-ସ୍ୱାଧିନ', 'ଗା-ମଣିପୁର', 'ମା-ଅନାହତ', 'ପା-ବିଶୁଦ୍ଧ', 'ଧା-ଆଜ୍ଞା' ଓ 'ନି-ସହସ୍ର' ଚକ୍ରକୁ କ୍ରିୟାଶୀଳ ରଖିବାରେ ସାହାଯ୍ୟ କରିଥାଏ । ବେଦରେ ସଂଗୀତକୁ ଯୋଗର ମାନ୍ୟତା ମିଳିଛି, ଯଦ୍ୱାରା ମାନବ ଶରୀର ସୁସ୍ଥ ରହିଥାଏ ।

ଆୟୁର୍ବେଦରେ ଶରୀର ରଚନା ବିଜ୍ଞାନ ଅନୁସାରେ ସବୁ ବେମାରି ବାତ, ପିତ୍ତ ଓ କଫ ଦୋଷ କାରଣରୁ ହୋଇଥାଏ । ଏହି ଦୋଷଗୁଡିକର ନିବାରଣରେ 'ରାଗ' ବିଶେଷ ଭୂମିକା ନିଭାଇ ଥାଏ । ରାଗଗୁଡିକ ଦ୍ୱାରା ଆତ୍ମିକ ସୁଖର ଅନୁଭୂତି ହୋଇଥାଏ, ଯେଉଁ କାରଣରୁ ଏହାକୁ ରୋଗ ନିବାରଣରେ ଉପଯୁକ୍ତ ମାନି ନିଆଯାଇଛି ।

ରାଗଗୁଡିକ ଦ୍ୱାରା ଚିକିତ୍ସା କ୍ଷେତ୍ରରେ କିଛି ପ୍ରୟୋଗ ମଧ ହୋଇଛି । ବିଂଶ ଶତାବ୍ଦୀରେ ପ. ଓଁକାରନାଥ ଠାକୁର ରାଗ 'ପୂରିୟା'ର ଚମତ୍କାକାର ଗାୟନ ଦ୍ୱାରା ଇଟାଲୀର ଶାସକ ମୁସୋଲିନୀକୁ ଅନିଦ୍ରା ରୋଗରୁ ମୁକ୍ତ କରିଥିଲେ । ରାଗକୁ ଅଲ୍‌ଜାଇମର ଚି କି ସାରେ ମଧ ଲାଭକାରୀ ବୋଲି କୁହାଯାଇଛି । ଅଲ୍‌ଜାଇମର ରୋଗ ଭୁଲିବା ବେମାରି ସହିତ ସମ୍ବନ୍ଧିତ, ଯାହା ଗମ୍ଭୀର ଅବସ୍ଥାରେ ରୋଗୀ ପାଇଁ ଘାତକ ସିଦ୍ଧ ହୋଇଥାଏ ।

ପ୍ରସିଦ୍ଧ ନ୍ୟୁରୋଲଜିଷ୍ଟ ଡା. ଆଲିବର ସ୍ମିଥଙ୍କ ଅନୁସାରେ 'ରାଗ ଶିବରଂଜନୀ' ଶୁଣିବା ଦ୍ୱାରା ସ୍ମରଣଶକ୍ତି ବୃଦ୍ଧି ପାଇଥାଏ । ବର୍ତ୍ତମାନ ବୈଜ୍ଞାନିକ ଓ ଚିକିତ୍ସକମାନେ ପ୍ରମାଣିତ କରିଛନ୍ତି ଯେ ୮୦ ପ୍ରତିଶତ ରୋଗ ମାନସିକ କାରଣ ଯଥା- ଆବେଶ, ଚିନ୍ତା, ଅବସାଦ ଆଦି କାରଣରୁ ' ହୋଇଥାଏ ଏବଂ ସଂଗୀତ ଏପରି ଏକ ବିଦ୍ୟା, ଯଦ୍ୱାରା ମାନସିକ ସନ୍ତୁଳନ କାଏମ ରହିଥାଏ ।

ରାଗଗୁଡିକ ଦ୍ୱାରା ଚିକିତ୍ସା 'ସଂଗୀତ ଚିକିତ୍ସା' ନାମରେ ପରିଚିତ । ଆଜି ସଂଗୀତ ଚିକିତ୍ସା ଉପରେ ଗବେଷଣା ହେଉଛି ଏବଂ ଏହାର ସକାରାତ୍ମକ ପରିଣାମ ବାହାରି ସାମନାକୁ ଆସୁଛି । ରାଗଗୁଡିକୁ ଶୁଣିବା ପାଇଁ ବିଶେଷ ସମୟ ନିର୍ଦ୍ଧାରଣ କରାଯାଇଛି । ଏମିତିରେ ତ ସଂଗୀତ ଯେକୌଣସି ସମୟରେ ମଧ ଶୁଣାଯାଇ ପାରେ, କିନ୍ତୁ ସ୍ୱସ୍ଥ ରହିବା ପାଇଁ ଏହାକୁ ସମୟାନୁସାର ଶୁଣିବା ଉଚିତ ।

ଆୟୁର୍ବେଦ ଅନୁସାରେ ବାତ, ପିତ୍ତ ଓ କଫ ଦୋଷ ଦିନର ୨୪ ଘଣ୍ଟା ମଧରେ ଚକ୍ରୀୟ କ୍ରମରେ କାର୍ଯ୍ୟ କରିଥାଏ । ସମସ୍ତ ରାଗ ଅଲଗା ଅଲଗା ମନୋବୃଦ୍ଧି ସହିତ ଯୋଡି ହୋଇ ରହିଛି, ଯେଉଁ କାରଣରୁ ସ୍ୱାସ୍ଥ୍ୟ ଉପରେ ରାଗଗୁଡିକର ପ୍ରଭାବ ପଢିଥାଏ ।

ସମୟାନୁସାର ରାଗଗୁଡିକୁ ଶୁଣି ରୋଗଗୁଡିକ ଉପରେ ନିୟନ୍ତ୍ରଣ କରି ବିଶେଷ ଲାଭ ଉଠାଯାଇ ପାରେ । ଏହା ବ୍ୟତୀତ ରାଗ 'ମାରବା' ଓ 'ଭୋପାଳୀ' ଶୁଣିବା ଦ୍ୱାରା ଅନ୍ତ୍ର ମଜଭୁତ ହୋଇଥାଏ ।

ମୋବାଇଲ, ଚଳଚ୍ଚିତ୍ର ଓ ଖାଦ୍ୟପେୟ ପ୍ରଭାବିତ ହେବା କାରଣରୁ ବିଶ୍ୱରେ ନପୁଂସକତାର ରୋଗ ବଢିଯାଇଛି । ରାଗ 'ବସନ୍ତ' ଓ ରାଗ 'ସୁରଖି' ନପୁଂସକତାକୁ ଦୂର କରିଥାଏ । 'ଆସାବାରୀ', 'ଭୈରବୀ' ଓ 'ସୁହାନୀ' ରାଗ ଶୁଣିବା ଦ୍ୱାରା ମସ୍ତିଷ୍କ ସମ୍ବନ୍ଧୀୟ ରୋଗ ଓ ମୁଣ୍ଡବଥାରୁ ମୁକ୍ତି ମିଳିଥାଏ । ଏହି ରାଗଗୁଡିକୁ ଶୁଣି ରୋଗ ଗୁଡିକର ଉପଚାର କରାଯାଇପାରେ ।

ରାଗଗୁଡିକୁ ଯଦି ଈଶ୍ୱରଙ୍କ ସ୍ତୁତିରେ ମିଶାଇ ଦିଆଯାଏ ତ ଏହାର ବିଶେଷ ଲାଭ ହୋଇଥାଏ । ଏହା ଦ୍ୱାରା ଆତ୍ମିକ ଶାନ୍ତି ତ ମିଳିଥାଏ, ତାହା ସହିତ ଈଶ୍ୱରଙ୍କୁ ମଧ ପ୍ରାପ୍ତି କରାଯାଇ ପାରେ ।

ସଂଗୀତର ସାତ ସ୍ୱର ଦ୍ୱାରା ଈଶ୍ୱରଙ୍କ ଆରାଧନା ହୋଇଥାଏ । 'ସା' ଦ୍ୱାରା ବ୍ରହ୍ମା, 'ରେ' ଦ୍ୱାରା ଅଗ୍ନି, 'ଗା' ଦ୍ୱାରା ରୁଦ୍ର, 'ମା' ଦ୍ୱାରା ବିଷ୍ଣୁ, 'ପା' ଦ୍ୱାରା ନାରଦ, 'ଧା' ଦ୍ୱାରା ଗଣେଶ ଓ 'ନି' ଦ୍ୱାରା ସୂର୍ଯ୍ୟଙ୍କର ଉପାସନା କରାଯାଏ ।

ଭଗବାନ ଶ୍ରୀକୃଷ୍ଣ ଯେବେ ବଂଶୀ ବଜାଉଥିଲେ ତ ଗାଈମାନେ ଅଧିକ ଦୁଧ ଦେଉଥିଲେ । ସଂଗୀତର ପ୍ରକୃତି ସହିତ ଘନିଷ୍ଠ ସମ୍ବନ୍ଧ ରହିଛି । ସଂଗୀତର ସାତ ସ୍ୱରର ଉତ୍ପତ୍ତି ମଧ ପ୍ରକୃତିରୁ ହିଁ ହୋଇଛି ।

'ସା'ର ଉତ୍ପତ୍ତି 'ମୟୂର' ସ୍ୱରରୁ, 'ରେ'ର ଉତ୍ପତ୍ତି 'ଋଷଭ' ସ୍ୱରରୁ ଯଥା ବଳଦ, ଗାଈ ଆଦି । 'ଗ' ର ଉତ୍ପତ୍ତି 'ଅଜ' ଅର୍ଥାତ୍– ମେଣ୍ଢା, ଛେଳିର ସ୍ୱରରୁ, 'ମ' କ୍ରୌଞ୍ଚ ପକ୍ଷୀର ସ୍ୱରରୁ ହୋଇଛି, 'ପ'ର ଉତ୍ପତ୍ତି 'କୋଇଲି'ର ସ୍ୱରରୁ ହୋଇଛି ।

ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ

# ରାମଚରିତ ମାନସର କେତେକ ରୋଚକ ତଥ୍ୟ

ଲଙ୍କାରେ ଶ୍ରୀରାମଚନ୍ଦ୍ର ୧୧୧ ଦିନ ଥିଲେ ।

ଲଙ୍କାରେ ଦେବୀ ସୀତା ୪୩୫ ଦିନ ଥିଲେ ।

ମାନସରେ ଶ୍ଳୋକ ସଂଖ୍ୟା ୭ ଅଟେ ।

ମାନସରେ ଚୌପାଈ ସଂଖ୍ୟା ୪୬୦୮ ଅଟେ ।

ମାନସରେ ଦୋହା ସଂଖ୍ୟା ୧୦୭୪ ଅଟେ ।

ମାନସରେ ସୋରଠା ସଂଖ୍ୟା ୨୦୭ ଅଟେ ।

ମାନସରେ ଛନ୍ଦ ସଂଖ୍ୟା ୮୬ ଅଟେ ।

ସୁଗ୍ରୀବଙ୍କ ବଳ ଥିଲା ୧୦,୦୦୦ ହାତୀର ।

ସୀତା ମହାରାଣୀ ହୋଇଥିଲେ ୩୩ ବର୍ଷ ବୟସରେ ।

ମାନସ ରଚନା ସମୟରେ ତୁଳସୀଦାସଙ୍କ ବୟସ ୭୭ ବର୍ଷ ଥିଲା ।

ପୁଷ୍ପକ ବିମାନର ଗତି ୪୦୦ ମାଇଲ/ଘଣ୍ଟା ଥିଲା ।

ରାମଦଳ ତଥା ରାବଣ ଦଳର ଯୁଦ୍ଧ ୮୭ ଦିନ ଚାଲିଥିଲା ।

ରାମ ରାବଣ ଯୁଦ୍ଧ ୩୨ ଦିନ ଚାଲିଥିଲା ।

ସେତୁ ନିର୍ମାଣ ୫ ଦିନରେ ହୋଇଥିଲା ।

ନଳ ଓ ନୀଳଙ୍କ ପିତା ବିଶ୍ୱକର୍ମା ଅଟନ୍ତି ।

ତ୍ରିଜଟାଙ୍କ ପିତା ବିଭୀଷଣ ଅଟନ୍ତି ।

ବିଶ୍ୱାମିତ୍ର ରାମଙ୍କୁ ନେଇ ଯାଇଥିଲେ ୧୦ ଦିନ ପାଇଁ ।

ରାମ ରାବଣଙ୍କୁ ସବୁଠାରୁ ପ୍ରଥମେ ମାରିଥିଲେ ୬ ବର୍ଷ ବୟସରେ ।

ରାବଣଙ୍କୁ ଜୀବନଦାନ ଦେଇଥିଲେ ସୁସେନ ବୈଦ୍ୟ ନାଭିରେ ଅମୃତ ରଖି ।

ଶ୍ରୀରାମଚନ୍ଦ୍ରଙ୍କ ପିତାମହ ପ୍ରପିତାମହଙ୍କ ନାମ: ବ୍ରହ୍ମାଙ୍କ ପୁତ୍ର ମରୀଚି, ମରୀଚିଙ୍କ ପୁତ୍ର କଶ୍ୟପ, କଶ୍ୟପଙ୍କ ପୁତ୍ର ଥିଲେ ବିବସ୍ୱାନ, ବିବସ୍ୱାନଙ୍କ ପୁତ୍ର ବୈବସ୍ୱତ ମନୁ ଅଟନ୍ତି, ବୈବସ୍ୱତ ମନୁଙ୍କ ସମୟରେ ଜଳ ପ୍ରଳୟ ହୋଇଥିଲା, ବୈବସ୍ୱତ ମନୁଙ୍କ ଦଶ ପୁତ୍ରଙ୍କ ମଧ୍ୟରୁ ଜଣକର ନାମ ଇକ୍ଷ୍ୱାକୁ ଥିଲା, ଇକ୍ଷ୍ୱାକୁଙ୍କ ଅଯୋଧ୍ୟା ନାମକ ଏକ ରାଜଧାନୀ ଥିଲା ଏବଂ ସେ ଇକ୍ଷ୍ୱାକୁ କୁଳର ସ୍ଥାପନା କରିଥିଲେ, ଇକ୍ଷ୍ୱାକୁଙ୍କ ପୁତ୍ର କୁକ୍ଷି ଥିଲେ, କୁକ୍ଷିଙ୍କ ପୁତ୍ରଙ୍କ ନାମ ବିକୁକ୍ଷି ଥିଲା, ବିକୁକ୍ଷିଙ୍କ ପୁତ୍ରବାଣ ଥିଲେ, ବାଣଙ୍କ ପୁତ୍ର ଅନରଣ୍ୟ ଥିଲେ, ଅନରଣ୍ୟଙ୍କ ଠାରୁ ପୃଥୁ ଜନ୍ମ ହୋଇଥିଲେ, ପୃଥୁଙ୍କ ଠାରୁ ତ୍ରିଶଙ୍କୁ ଜନ୍ମ ନେଇଥିଲେ, ତ୍ରିଶଙ୍କୁଙ୍କ ପୁତ୍ର ଧୁନ୍ଧୁମାର ଥିଲେ, ଧୁନ୍ଧୁମାରଙ୍କ ପୁତ୍ରଙ୍କ ନାମ ଥିଲା ଯୁବନାଶ୍ୱ, ଯୁବନାଶ୍ୱଙ୍କ ପୁତ୍ର ମାନ୍ଧାତା ଅଟନ୍ତି, ମାନ୍ଧାତାଙ୍କ ଠାରୁ ସୁସନ୍ଧି ଜନ୍ମ ହୋଇଥିଲେ, ସୁସନ୍ଧିଙ୍କ ଦୁଇଜଣ ପୁତ୍ର ଥିଲେ- ଧ୍ରୁବସନ୍ଧି ଏବଂ ପ୍ରସେନଜିତ, ଧ୍ରୁବସନ୍ଧିଙ୍କ ପୁତ୍ର ଭରତ ଅଟନ୍ତି, ଭରତଙ୍କ ପୁତ୍ର ଅସିତ ଅଟନ୍ତି, ଅସିତଙ୍କ ପୁତ୍ର ସଗର ଅଟନ୍ତି, ସଗରଙ୍କ ପୁତ୍ରଙ୍କ ନାମ ଅସମଞ୍ଜ ଥିଲା, ଅସମଞ୍ଜଙ୍କ ପୁତ୍ରଙ୍କ ନାମ ଅଂଶୁମାନ ଥିଲା, ଅଂଶୁମାନଙ୍କ ପୁତ୍ରଙ୍କ ନାମ ଦିଲୀପ ଥିଲା, ଦିଲୀପଙ୍କ ପୁତ୍ର ଭଗୀରଥ ଥିଲେ, ଭଗୀରଥ ଗଙ୍ଗାଙ୍କୁ ପୃଥିବୀ ପୃଷ୍ଠକୁ ଆଣିଥିଲେ, ତାଙ୍କ ପୁତ୍ରଙ୍କ ନାମ ଥିଲା କକୁତ୍ସ୍ଥ, କକୁତ୍ସ୍ଥଙ୍କ ପୁତ୍ର ରଘୁ ଅଟନ୍ତି, ରଘୁ ଜଣେ ଅତ୍ୟନ୍ତ ତେଜସ୍ୱୀ ଏବଂ ପରାକ୍ରମୀ ରାଜା ହୋଇଥିବାରୁ ତାଙ୍କ ପରେ ତାଙ୍କ ନାମାନୁସାରେ ତାଙ୍କ ବଂଶର ନାମ ରଘୁବଂଶ ହୋଇଥିଲା, ସେହି ଦିନଠାରୁ ଶ୍ରୀରାମଙ୍କ ବଂଶ ରଘୁବଂଶ ନାମରେ ପରିଚିତ ।

ରଘୁଙ୍କ ପୁତ୍ର ପ୍ରବୃଦ୍ଧ ଅଟନ୍ତି, ପ୍ରବୃଦ୍ଧଙ୍କ ପୁତ୍ର ଶଂଖଣ ଅଟନ୍ତି, ଶଂଖଣଙ୍କ ପୁତ୍ର ସୁଦର୍ଶନ ଅଟନ୍ତି, ସୁଦର୍ଶନଙ୍କ ପୁତ୍ରଙ୍କ ନାମ ଅଗ୍ନିବର୍ଣ୍ଣ ଥିଲା, ଅଗ୍ନିବର୍ଣ୍ଣଙ୍କ ପୁତ୍ର ଶୀଘ୍ରଗ ଥିଲେ, ଶୀଘ୍ରଗଙ୍କ ପୁତ୍ର ନାମ ମରୁ ଥିଲା, ମରୁଙ୍କ ପୁତ୍ର ପ୍ରଶୁଶ୍ରୁକ ଥିଲେ, ପ୍ରଶୁଶ୍ରୁକଙ୍କ ପୁତ୍ର ଅମ୍ବରୀଷ ଥିଲେ, ଅମ୍ବରୀଷଙ୍କ ପୁତ୍ରଙ୍କ ନାମ ନହୁଷ ଥିଲା, ନହୁଷଙ୍କ ପୁତ୍ରଙ୍କ ନାମ ଯଯାତି ଥିଲା, ଯଯାତିଙ୍କ ପୁତ୍ରଙ୍କ ନାମ ନାଭାଗ ଥିଲା, ନାଭାଗଙ୍କ ପୁତ୍ରଙ୍କ ନାମ ଅଜ ଥିଲା, ଅଜଙ୍କ ପୁତ୍ରଙ୍କ ନାମ ଦଶରଥ ଥିଲା, ଦଶରଥଙ୍କର ଚାରିଜଣ ପୁତ୍ର ରାମ, ଭରତ, ଲକ୍ଷ୍ମଣ ତଥା ଶତ୍ରୁଘ୍ନ ଥିଲା । ଏହିପରି ବ୍ରହ୍ମାଙ୍କ ଅଣଚାଳିଶ (୩୯) ବଂଶରେ ଶ୍ରୀରାମଙ୍କ ଜନ୍ମ ହୋଇଥିଲେ ।

# ବିଶ୍ୱଚେତନାର କବି ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ



**ଯଶୋବନ୍ତ ବିଶ୍ୱାଳ**

ସାରସ୍ୱତ ସ୍ରଷ୍ଟା ସୃଷ୍ଟିକରେ । ସେ ସୃଷ୍ଟିଟି ଅନ୍ୟ ପାଇଁ ସମର୍ପିତ । ସେଥିପାଇଁ ସାରସ୍ୱତ ସ୍ରଷ୍ଟା କବି, ଲେଖକ ମାନଙ୍କୁ ପ୍ରଜାପତି ବ୍ରହ୍ମାଙ୍କ ସହିତ ତୁଳନା କରାଯାଏ । ସଂସ୍କୃତରେ ପଦଟିଏ ଅଛି କବିରେବ ପ୍ରଜାପତିଃ । ପ୍ରଜାପତି ବ୍ରହ୍ମାଙ୍କ ସୃଷ୍ଟିରେ ସବୁ ଯେମିତି ନିତ୍ୟ ସରସ, ସୁନ୍ଦର ଓ ମଧୁର । ସାରସ୍ୱତ ସ୍ରଷ୍ଟାର ସୃଷ୍ଟି ମଧ ତଦ୍ରୂପ ସଦାସୁନ୍ଦର ସରସ ଓ ମଧୁର । ସେହିପରି ଗଭୀର ତଥ୍ୟ ଓ ଗମ୍ଭୀର ତତ୍ତ୍ୱ ସମ୍ବଳିତ ଅଥଚ ସାମଗ୍ରୀକ ଭାବନା ଓ ବିଶ୍ୱ ଚେତନା ଉପରେ ଆଧାରିତ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଏକ କବିତା ବିଶ୍ୱକେ ନେଇଯା ମୁହି' ଯାହାକି କବିଙ୍କ ରଚିତ ଓ ସଙ୍କଳିତ 'ଲୋକ ଦର୍ପନ'ରେ ସ୍ଥାନୀତ ହୋଇଛି । କବି ମାନବ ସମାଜକୁ ଯେଉଁ ମହାନ ଭାବନାର କଥା କହିଛନ୍ତି ବାସ୍ତବିକ ତାହା ପ୍ରଶଂସନୀୟ । ସମଗ୍ର ବିଶ୍ୱକୁ ମୋହିତ କରିବାର କି ଉଚ୍ଚାକାଂକ୍ଷା ? କବି ମିତ୍ରଭାନୁ ଗୌନ୍ତିଆଙ୍କର କି ଚମତ୍କାର ଅଭୁଙ୍କଣ ଆଶା । ଜଣେ ମଣିଷ କ'ଣ ସମଗ୍ର ବିଶ୍ୱକୁ ମୋହି ପାରିବ ? ବେଦ୍, ଉପନିଷଦ, ପୋଥି ପୁରାଣରେ ତାର ଅନେକ ନିଦର୍ଶନ ଅଛି । ସସାଗରା ଧରାକୁ ସ୍ୱୀୟ ସତଗୁଣ ସମୂହ ଦ୍ୱାରା ମୋହି ପାରିଛନ୍ତି । ପୁରୁଷୋତ୍ତମ ଶ୍ରୀରାମ, ଭଗବାନ ଶ୍ରୀକୃଷ୍ଣ, ଧର୍ମଜ୍ଞ ଯୁଧିଷ୍ଠିର, ମହାଦାନୀ ହରିଶ୍ଚନ୍ଦ୍ର, ମହାରାଜା ଭରତ ପରି ମହାନ୍ ଉତ୍ସର୍ଗୀକୃତ ବ୍ୟକ୍ତିମାନେ ନିଜସ୍ୱ ମହୋଦାର ଗୁଣରେ ବିଶ୍ୱ ବିଦିତ ହୋଇଛନ୍ତି । ଜନତା ଜନାର୍ଦ୍ଦନଙ୍କ ହୃଦୟକୁ ଜମ୍ ନୁହନ୍ତି । ବର୍ତ୍ତମାନ ମଧ ତ୍ୟାଗପୁତ ଭାବନା ନେଇ ସଂପୂର୍ଣ୍ଣ ଭାବରେ ସମାଜ ପାଇଁ ନିଜକୁ ଉତ୍ସର୍ଗ କରି ପାରିଲେ, ଐକ୍ୟ ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖି ପାରିଲେ ଏ ବିଶ୍ୱରେ ଅମୃତର ଝର ନିଶ୍ଚୟ ଝରିପଡିବ । କବି ଗୌନ୍ତିଆ ସେ ବିଷୟରେ ଲେଖିଛନ୍ତି- ପଝରୁ ପଝର ଝର ଝର ଝର, ଅମୃତ ଯାଉ ବହି, ବସ ମାତର ବିଶ୍ୱଟା ଯାକର ହୁରୁଦ ସଫା ରହି ।

ନିଜସ୍ୱ ଉଦାର ଗୁଣରେ ସମଗ୍ର ବିଶ୍ୱକୁ ମୁଗ୍ଧ କରି ପାରିଲେ, ବିଶ୍ୱ ମଧ ତାକୁ ସଶ୍ରଦ୍ଧ ସମ୍ମାନ ଜଣାଇବ । ସେହି ମହତ୍ ଗୁଣ ପାଇଁ ନିରହଙ୍କାର ଚାରିଦିଗ ଶୃଙ୍ଖଳାର ଆବଶ୍ୟକତା ରହିଛି । କେବଳ ବିଚାରରେ ଅମୃତଭାବ ଫୁଟେ ନି ଆଚାର ମଧ ତଦ୍ରୂପ ମହାନ୍ ହେବା ବାଞ୍ଛନୀୟ । ଯାହା ଉଚ୍ଚାରଣ କରୁଛ ତାକୁ ଆଚରଣରେ ପରିଣତ କର । ଛଳନା, ପ୍ରତାରଣା, ହିଂସା, ଅସତ୍ୟାଦି ଆଦିରେତାକୁ ପରିହାର କରି ଅହିଂସା, ସତ୍ୟ, ନିଷ୍କର୍ଷ କର୍ମ କରିବା ଉଚିତ, ଯାହାକି ସମସ୍ତଙ୍କ ପାଇଁ ବିଶ୍ୱସନୀୟ ଓ ହିତକାରୀ ହୋଇଥିବ । ସମସ୍ତେସେ ସତକର୍ମକୁ ସମାଜରେ ପ୍ରଶଂସା କରୁଥିବେ । କବି ଗୌନ୍ତିଆଙ୍କ ଭାଷାରେ -

ମୁହୁଁ ମଧୁର ହରୁଦେ ସୁଧୁର
ନି ରହୁ ବୁଠାଚଳନ
ବିଶ୍ୱବାସୀନ ଛଳନାଛଳନ
ସମୁନୁ ଇଟା ଅଲହନ
ଯାହା ଉଚ୍ଚାରନ ରହୁ ଆଚରନ
ଧରମ ଯାଉ ବହି ।

ଧରମ ଯାଉ ବହି । ଧରମ ହିଁ ଧରତିର ଆଧାର ଆଏ, ଧର୍ମ ହିଁ ଧରତିକେ ଧରିକରି ରଖିଛେ ଉପନିଷଦ କହନ୍ତି ଧାରଣାତ୍ ଧର୍ମ ମିତ୍ୟାହୁ । ଧର୍ମ ହିଁ ଧରିତ୍ରୀରେ ସର୍ବଶ୍ରେଷ୍ଠ ଶକ୍ତିରୂପେ ପ୍ରତିଭାତ ହୁଅନ୍ତି । ଯେଉଁଠି ଧର୍ମ ଥାଏ ସେଠି ସତ୍ୟ ଓ ଜୟ ସୁନିଶ୍ଚିତ । କଥାରେ କହନ୍ତି 'ଯତୋ ଧର୍ମ ତତୋଜୟ ।' ସତ୍ୟ ଉପରେ ପ୍ରତିଷ୍ଠିତ ଧର୍ମ ଦେବତା ରୂପେ ପୂଜିତ ସୂର୍ଯ୍ୟ । ସୂର୍ଯ୍ୟ ଦେବଙ୍କ ଗତି ଉଦୟାସ୍ତ କେବେ ବି ବିଚ୍ୟୁତି ହୁଏ ନାହିଁ । ଚନ୍ଦ୍ର ବି ସେମିତି ନିଜର ସ୍ୱଭାବକୁ ପରିବର୍ତ୍ତନ କରନ୍ତିନି, ଗ୍ରହ ନକ୍ଷତ୍ରମାନେ ମଧ ନିଜ ନିଜର କକ୍ଷଚ୍ୟୁତ ହୁଅନ୍ତିନି ।

ସମସ୍ତେ ନିଜ ନିଜ ଧର୍ମକୁ ସ୍ୱତଃ ପାଳନ କରି ଚାଲିଛନ୍ତି । ଠିକ୍ ସେହିପରି ମନୁଷ୍ୟ ଯଦି ନିଜର ମାନବିକ ଧର୍ମକୁ ମନବାଚିତ ଭାବରେ ସଂପାଦନ କରନ୍ତୁ । ସଦୁପୋଯୋଗୀ ହୁଅନ୍ତା ତେବେ ଅନ୍ୟାୟ, ଅନୀତି, ଅଧର୍ମ କିଛି ରହନ୍ତା ନାହିଁ । ବେଦୋପଦେଶ ଅଛି- ମନୁର୍ଭବ ଜନୟା ଦୈବଂ ଜନମ୍ । ମନୁଷ୍ୟ ଜନ୍ମ ହେଉଛି ଦିବ୍ୟଜନ୍ମ । ଦିବ୍ୟଜନ୍ମ ହେତୁ ଦିବ୍ୟ କର୍ମ କରି ଦୈବଗୁଣ ସମ୍ପନ୍ନ ସନ୍ତାନ ସୃଷ୍ଟି କରିବାର ସଂକଳ୍ପ ନେବା ଉଚିତ । ନିର୍ଲୋଭ ନିର୍ମାୟା, ନିଷ୍କପଟ, ନିରହଂକାରୀ ହୋଇ ଦିବ୍ୟଜ୍ଞାନ ଯୁକ୍ତ ହୋଇ ସମସ୍ତଙ୍କୁ ଆତ୍ମୀୟ ସ୍ୱଜନ ରୂପେ ସ୍ନେହ, ଶ୍ରଦ୍ଧା, ମମତାରେ ବାନ୍ଧି ରଖିବାର ପ୍ରୟନ୍ନ କରିବା ବିଧେୟ । କେହି ଯେପରି ବାଦୀ ପ୍ରତିବାଦୀ, ନିନ୍ଦୁକ ରୂପେ ଛିଡ଼ା ହୋଇ ପାରିବେନି ତେବେ ଏ ସୃଷ୍ଟିରେ ମହୁର ବୃଷ୍ଟି ସୁନିଶ୍ଚିତ କବି ଗୌନ୍ତିଆଙ୍କ କେତେ ଭାବ ଗର୍ଭକ ଉପଦେଶ-

ବାଦୀ ପ୍ରତିବାଦୀ ଦୁନିଆକେ ସାଧୁ
ଡେଗଲେଁ ସାମା ଘୁରେନ
ଦୁନିଆ ନଜରେ ନିନ୍ଦିବେ
ହଜାରେ
ଅନାବେ ନିଷ୍ପେମରନ
ସେ ସାରା ସୃଷ୍ଟି ମହୁର ବୃଷ୍ଟି
ଅହିଂସା କେ ପୁରାତହିଁ ।

କବି ଗୌନ୍ତିଆ କେତେ ସୁନ୍ଦର ଚେତନାର କଥା କହିଛନ୍ତି । ଏ ସୃଷ୍ଟିକୁ ଯଦି ମଧୁମୟ କରିବାର ଅଛି ତାର ଅମୋଘ ଅସ୍ତ୍ର ହେଉଛି ଅହିଂସା । ସମସ୍ତ ଦୁଃଖ, ଶୋକ, ଯାତନା, ଯନ୍ତ୍ରଣାର ମୁକ୍ତି ପାଇବା ପାଇଁ ସେଦିନ ଭଗବାନ ବୁଦ୍ଧ ଜାତିର ଜନକ ମହାତ୍ମା ଗାନ୍ଧୀ ଅହିଂସା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଅମୃତ ସନ୍ଦେଶ ପ୍ରଦାନ କରିଥିଲେ । ଅହିଂସା ଦ୍ୱାରା ହିଁ ସମଗ୍ର ବିଶ୍ୱକୁ 'ବସୁଧୈବ କୁଟୁମ୍ବକମ୍'ର ଐକ୍ୟ ସୂତ୍ରରେ ବାନ୍ଧି ରଖିପାରିଥିଲେ । ସେଥିପାଇଁ ମିଛ, ରାଗ, ରୋଷ, ହିଂସା, କପଟ, ଦ୍ୱେଷ ପରିହାର କରି ସତ୍ୟ, ଶ୍ରଦ୍ଧା, ଅହିଂସା ଦ୍ୱାରା ଜନଗଣମନକୁ ଜୟ କରି ଅମୃକ ପରିବେଶ ସୃଷ୍ଟି କରିହେବ । କାରଣ ଏ ଦେଶର ସଂସ୍କୃତି ହେଉଛି ତ୍ୟାଗର ସଂସ୍କୃତି । ତ୍ୟାଗ ଅହିଂସାକୁ ପାଥେୟ କରି ସନ୍ମାର୍ଗରେ ଚାଲିଲେ ଅମୃତମୟ ପରିବେଶ ନିଶ୍ଚୟ ସୃଷ୍ଟି ହେବ ଏବଂ ବିଶ୍ୱଜନ ସେହି ପରିବେଶକୁ ଅନୁସରଣ କରିବାକୁ ଲାଗିବେ । ଅହିଂସା ମନ୍ତ୍ରରେ ଅଭିମନ୍ତ୍ରିତ ମହାତ୍ମାଗାନ୍ଧୀଙ୍କୁ ଆଜି ସମଗ୍ର ବିଶ୍ୱ ସମ୍ମାନ ଦେଉଛି । ଗାନ୍ଧୀଙ୍କ ଆଦର୍ଶ ହିଁ ସମସ୍ତଙ୍କୁ ଉଦବୁଦ୍ଧ କରିପାରିଛି । କବି ସେଇ ମନ୍ତ୍ରରେ ସମସ୍ତେ ଦୀକ୍ଷିତ ହେବାକୁ କହି ଲେଖିଛନ୍ତି-

ଛାନ ମିଛ ହିଂସା ଅମୃତ ଅହିଂସା,
ଜଗତେ ମଧୁର ପିଆ
ବିଶ୍ୱଜନ ମନ ବାନ୍ଧିଦେବ ବନ୍ଧନ
ଜିତିକେ ଜଗତ ହିଆ
ଭାରତର ଗତି ମହାନ ସଂସ୍କୃତି
ଦେଶେ ଦେଶେ ନା ବାହି'
ବିଶ୍ୱକେ ନେଇ ଯା ମୁହି ।

କବି ମିତ୍ରଭାନୁ ଗୌନ୍ତିଆଙ୍କର ଉପରୋକ୍ତ ସର୍ବଜନହିତକାରୀ, ବିଶ୍ୱ ମୈତ୍ରୀ ନିଦର୍ଶନ ସର୍ବଜନ ହିତାୟ, ସର୍ବଜନ ସୁଖାୟ ପରିକଳ୍ପନା କରୁଥିବା କବିତା ଏକ ବିରଳ ସାରସ୍ୱତ ସୃଷ୍ଟି । ସମଗ୍ର ବିଶ୍ୱକୁ ଏକସୂତ୍ରରେ ବାନ୍ଧି ରଖିବାର ଉତ୍ତୁଙ୍ଗ ପରିକଳ୍ପନା, ବାଷ୍ଟିଭାବ ପରିହାର କରି ସମଷ୍ଟିର ଉଦଘୋଷଣା କବିଙ୍କ ବିଶ୍ୱଚେତନାର ଭବ୍ୟ ପରିକଳ୍ପନା । ସମସ୍ତଙ୍କ ମନ, ତନ, ପ୍ରାଣରେ ଏହି କବିତାର ମର୍ମସ୍ପର୍ଶୀ ଭାବ ଉଦ୍ରେକ ହୋଇ କାର୍ଯ୍ୟରେ ପରିଣତ ହୋଇ ପାରିଲେ ଏ ଧୂଳି ଧୂସରିତ ଧରଣୀ ନିଶ୍ଚୟ ପରିଣତ ହୋଇ ପାରିବ ଚିରସତ୍ୟ, ଶିବ, ସୁନ୍ଦର ସ୍ୱର୍ଗର ନନ୍ଦନ କାନନପରି ।

ଦେଉଳୀ, ପୋ- ମହୁଲପାଲି
ପଦ୍ମପୁର, ବରଗଡ

## ସ୍ୱାସ୍ଥ୍ୟ ଉପରେ ...

(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

କୁହାଯାଏ ଯେ ପଞ୍ଚମ ସ୍ୱରରେ କୋଇଲି ଗାଇଥାଏ । 'ଧ' ଧୈବତ ଆର୍ଥାତ୍ ଘୋଡା ଓ 'ନି'ର ଉତ୍ପତ୍ତି ହାତୀର ସ୍ୱରରୁ ହୋଇଛି । ଉଲ୍ଲେଖନୀୟ ଯେ ପକ୍ଷୀ, ଜୀବଜନ୍ତୁ କେବଳ ଗୋଟିଏ ସ୍ୱରରେ ବୋଲି ପାରନ୍ତି, ଯଦ୍ୟପି ମନୁଷ୍ୟ ସବୁ ସ୍ୱରରେ ଗାଇପାରେ । ଭାରତୀୟ ଶାସ୍ତ୍ରୀୟ ସଂଗୀତର ମହତ୍ତ୍ୱ ଏହି କଥାରୁ ଅନୁମାନ କରାଯାଇପାରେ ଯେ ଆକବରଙ୍କ ଦରବାରରେ ଥିବା ନବରତ୍ନଙ୍କ ମଧ୍ୟରୁ ତାନସେନ ରାଗ 'ମହାର' ଗାଇ ବର୍ଷା କରାଉ ଥିଲେ ଏବଂ ରାଗ 'ଦୀପକ' ଗାଇ ଦୀପ ଜଳାଇ ଦେଉଥିଲେ । ରାଗ ଗୁଡିକର ସ୍ୱରର ବିଶେଷ ପ୍ରଭାବ ପ୍ରକୃତି ଉପରେ ପଡିଥାଏ ।

ନିକଟ ଅତୀତରେ ମଧ୍ୟପ୍ରଦେଶର ବନ ବିଭାଗରେ ଗୋଟିଏ ଗବେଷଣା ହୋଇଥିଲା, ଯେଉଁଥିରେ ବୃକ୍ଷ ପ୍ରଜାତିଗୁଡିକୁ ପ୍ରସିଦ୍ଧ ସିତାର ବାଦକ ରବିଶଙ୍କରଙ୍କ ରାଗ 'ଭୈରବୀ'ରେ ନିବଦ୍ଧ ରଚନା ଶୁଣାଗଲା । ରାଗ ଦ୍ୱାରା ଅଁଳା ଓ ସୀତାଫଳ ଭଳି ଫଳ ପ୍ରଜାତିର ବୀଜ ଗୁଡିକରୁ ଅଙ୍କୁର ବାହାରିବାର ହାରରେ ୯ ପ୍ରତିଶତ ବୃଦ୍ଧି ହେଲା । ରାଗଗୁଡିକ ଦ୍ୱାରା ପଶୁମାନଙ୍କ କଠୋର ଓ ହିଂସକ ବ୍ୟବହାର ଉପରେ ବି ନିୟନ୍ତ୍ରଣ କରାଯାଇପାରେ । ଆଜିର ଧାଁ-ଦଉଡ ଏବଂ ପ୍ରତିଦ୍ୱନ୍ଦିତାରେ ଜୀବନର ଶାନ୍ତି, ସନ୍ତୁଳନ ଓ ସମରସତା ହଜି ଯାଇଛି । ଏହି କାରଣରୁ ଜୀବନରେ ମନୋରୋଗ ଉତ୍ପନ୍ନ ହୋଇଛି । 'ସଂଗୀତ ଚିକିତ୍ସା' ଏହାର ସର୍ବୋତ୍ତମ ସମାଧାନ ହୋଇପାରିବ ।

## ଆଜିର ଚିନ୍ତନ

**ବିଶିଷ୍ଟ କଣ୍ଠଶିଳ୍ପୀ ଲତା ମଙ୍ଗେସକର ମୃତ୍ୟୁ ପୂର୍ବରୁ ତାଙ୍କର ଡାଇରିରେ ଲେଖିଥିଲେ...**

'ପୃଥିବୀରେ ମୃତ୍ୟୁ ଠାରୁ ଅଧିକ ସତ୍ୟ ଆଉ କିଛି ନାହିଁ । ପୃଥିବୀର ସବୁଠାରୁ ବ୍ରାଣ୍ଡେଡ୍ କାର ମୋ ଗେରେଜରେ ପାର୍କ କରିଛି ଅନେକ ଦିନ ଧରି । କିନ୍ତୁ ମୋତେ ଗୋଟେ ହୁଇଲ ଚୌକିରେ ବସିବାକୁ ଦିଆ ଯାଇଛି । ମୋ ପାଖରେ ସବୁ ମୂଲ୍ୟବାନ ବିଳାସପୂର୍ଣ୍ଣ ବସ୍ତୁ ଯଥା, ଲୁଗା, ଜୋତା, ବ୍ୟବହାର୍ଯ୍ୟ ସୌଖିନ ବସ୍ତୁ ଅଛି । କିନ୍ତୁ ମୁଁ ଏବେ ପ୍ରଦତ୍ତ ଗୋଟେ ଛୋଟ ଗାଉନ ପିନ୍ଧି ହସ୍ପିଟାଲରେ ଅଛି । ମୋ ବେଙ୍କ ଏକାଉଣ୍ଟରେ ପ୍ରବଳ ଅର୍ଥ ଅଛି, କିନ୍ତୁ ଏହା ମୋର କୌଣସି କାମରେ ଲାଗୁ ନାହିଁ । ମୋ ଘର ଗୋଟେ ରାଜପ୍ରସାଦ ପରି, ହେଲେ ମୁଁ ଗୋଟେ ଛୋଟ ଖଟରେ ଡାକ୍ତର ଖାନାରେ ଶୋଇଛି । ଦିନ ଥିଲା ମୁଁ ପୃଥିବୀର ସବୁଠୁ ବଡ ପାଞ୍ଚତାରକା ହୋଟେଲରେ ଦିନ ବିତାଇ ଥିଲି, କିନ୍ତୁ ଏବେ ମୁଁ ହସ୍ପିଟାଲରେ ଗୋଟେ ଲାବରୁ ଆଉ ଗୋଟେ ଲାବକୁ ପ୍ରେରିତ ହେଉଛି । ଗୋଟେ ଦିନ ଥିଲା ସାତ ଜଣ କେଶ ବିନ୍ୟାସ କାରୀ ମୋ ମୁଣ୍ଡ ସଫା କରୁଥିଲେ, ହେଲେ ଆଜି ମୋ ମୁଣ୍ଡର ଗୋଟେ ବି ବୃଟି ନାହିଁ । ମୁଁ ଗୋଟେ ସମୟରେ ବଡ଼ ପାଞ୍ଚ ତାରକା ହୋଟେଲରେ ଖାଉଥିଲି, କିନ୍ତୁ ଆଜି ମୋର ଦିନ ସାରାର ଖାଦ୍ୟ ଦୁଇଟି ପିଲ ଓ ରାତିରେ ଟିକେ ଲୁଣକୁ ନେଇ ସୀମିତ ହେଇ ଯାଇଛି ।


ମୁଁ ସମଗ୍ର ପୃଥିବୀ ବିଭିନ୍ନ ଉଡାଜାହାଜରେ ବୁଲୁଥିଲି, କିନ୍ତୁ ଅଧୁନା ଦୁଇ ଜଣ ଲୋକ ମୋତେ ହସ୍ପିଟାଲ କରିଡରରେ ଚାଲିବାକୁ ସାହାଯ୍ୟ କରୁଛନ୍ତି । ମୁଁ କେଉଁଥିରେ ଆଉ ଆରାମ ପାଉ ନାହିଁ । କିନ୍ତୁ କିଛି ଭଲ ମଣିଷଙ୍କ ଭଲ ପାଇବା, ଆଶିର୍ବାଦ, ପ୍ରାର୍ଥନା ମୋତେ ବଞ୍ଚାଇ ରଖିଛି । ଏହାହିଁ ଜୀବନ । ଆପଣ ଯେତେ ଧନୀ ହୁଅନ୍ତୁ ତାର କିଛି ମାନେ ନାହିଁ, ଆପଣ ଶେଷକୁ ଖାଲି ହାତରେ ହିଁ ଯିବେ । ଦୟାଳୁ ହୁଅନ୍ତୁ, ଅନ୍ୟକୁ ସାହାଯ୍ୟ କରନ୍ତୁ । ଧନୀ ଓ ପ୍ରଭାବ ଶାଳୀ ଲୋକଙ୍କୁ ଆଦୌ ଗୁରୁତ୍ୱ ଦିଅନ୍ତୁ ନାହିଁ । ଉତ୍ତମ ମଣିଷଙ୍କୁ ଭଲ ପାଆନ୍ତୁ । ସେମାନଙ୍କ ସେବାକୁ ପ୍ରଶଂସା କରନ୍ତୁ । କାହାରିକୁ କେବେ କଷ୍ଟ ଦିଅନ୍ତୁ ନାହିଁ । ଭଲ ହୁଅନ୍ତୁ, ଭଲ କରନ୍ତୁ କାରଣ ଏହାହିଁ କେବଳ ଆପଣଙ୍କୁ ଅନୁସରଣ କରିବ ।

ବର୍ଷ ୨୭, ସଂଖ୍ୟା- ୧୫, ୯ - ୧୫ ଏପ୍ରିଲ ୨୦୨୩


# ବିଜ୍ଞାନ ବିନାଶର କାରଣ ନ ହେଉ

ପୁରାତନ ପ୍ରସ୍ତର ଯୁଗରୁ ଆରମ୍ଭ କରି କମ୍ପ୍ୟୁଟର ଯୁଗ ପର୍ଯ୍ୟନ୍ତ ପ୍ରଗତିର ତାଲିକା ବହୁତ ଲମ୍ବା ଓ ଅବର୍ଣ୍ଣନୀୟ । କିନ୍ତୁ ବିଜ୍ଞାନର ପ୍ରତ୍ୟେକ କ୍ଷେତ୍ରର ପ୍ରଗତି ସହିତ ଧ୍ୱଂସ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଭେଷଜ ଚିକିତ୍ସା, ଶଲ୍ୟଚିକିତ୍ସାର ବୈଜ୍ଞାନିକ ଉନ୍ନତି ଏବଂ ଭୟଙ୍କର ମହାମାରୀର ପ୍ରତିଷେଧକ ଆବିଷ୍କୃତ ହେବା ଦ୍ୱାରା ପୃଥିବୀରୁ ମୃତ୍ୟୁହାର ଅନେକାଂଶରେ କମି ଯାଇଛି ସତ; କିନ୍ତୁ ଏହାହିଁ ପୃଥିବୀକୁ ଧ୍ୱଂସ ମୁଖକୁ ଟାଣି ନେବାର ପ୍ରଥମ ଓ ପ୍ରଧାନ କାରଣ । ଚିକିତ୍ସା ବିଜ୍ଞାନର ଉନ୍ନତି ପରେ ପୃଥିବୀରେ ଜନସଂଖ୍ୟା ବିସ୍ଫୋରଣ ହେଲା । ପୃଥିବୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ହିଁ ବେକାରୀ, ନୈତିକ ଅଧୋପତନ, ପରିବେଶ ପ୍ରଦୂଷଣ ଇତ୍ୟାଦି ସମସ୍ତ ସମସ୍ୟାର ମୂଳ ବା ଆଶୁ କାରଣ । ବିଜ୍ଞାନ ଆମକୁ ପରିବହନ କ୍ଷେତ୍ରରେ ସାଇକେଲ ଯାନଠାରୁ ଆରମ୍ଭ କରି ଉଡ଼ାଜାହାଜ, ରକେଟ ପର୍ଯ୍ୟନ୍ତ ଏବଂ ଯୋଗାଯୋଗ କ୍ଷେତ୍ରରେ ପାରା, ଘୋଡ଼ା ସବାରରେ ଡାକ ପ୍ରେରଣଠାରୁ ଆରମ୍ଭ କରି ମୋବାଇଲ ପାଖରେ ନେଇ ଛାଡ଼ି ଦେଇଛି । ସମଗ୍ର ପୃଥିବୀଟି ଗୋଟିଏ ଛୋଟ ଗାଁରେ ପରିଣତ ହୋଇଯାଇଛି ।

ଅପରପକ୍ଷରେ, ଏହି ଯାନବାହାନ ନିର୍ମାଣ କରିବା ପାଇଁ ଯେଉଁ ଶିଳ୍ପ ପ୍ରତିଷ୍ଠା ହେଉଛି ତାହା ହିଁ ପରିବେଶ ଧ୍ୱଂସ ଏବଂ ପରୋକ୍ଷ ଭାବରେ ମାନବ ସମାଜର ପ୍ରଭୂତ କ୍ଷତି ସାଧନ ନିମନ୍ତେ ଉଦ୍ଦିଷ୍ଟ । କଳ କାରଖାନାରୁ ନିର୍ଗତ ଧୂମ ତଥା ବିଷାକ୍ତ ଜଳ, ବାୟୁ ଏବଂ ନଦୀଜଳକୁ ପ୍ରଦୂଷିତ କରିବାର ମୁଖ୍ୟ ମାଧ୍ୟମ । ଏହି ବିଷାକ୍ତ ଜଳ ଓ ବାୟୁ ବ୍ୟବହାର ଦ୍ୱାରା ମନୁଷ୍ୟ ରୋଗାକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ୁଛି । ରାସ୍ତାଘାଟ ଏବଂ କଳକାରଖାନା ନିର୍ମାଣ ନିମନ୍ତେ ଅନେକ ବୃକ୍ଷ ଛେଦନ କରିବାକୁ ପଡୁଛି, ଯାହାଫଳରେ ପରିବେଶର ସନ୍ତୁଳନତା ରକ୍ଷା କରା ଯାଇ ପାରୁନାହିଁ । ମନୋରଞ୍ଜନ ନିମନ୍ତେ ବିଜ୍ଞାନ ଆମକୁ ରେଡିଓଠାରୁ ଟିଭି, ସିନେମା ଓ ମୋବାଇଲ ପାଖରେ ପହଞ୍ଚାଇ ପାରିଛି । ମନୋରଞ୍ଜନ ବ୍ୟତୀତ ଏହା ଜ୍ଞାନ ଆହରଣର ମଧ୍ୟ ଏକ ଉତ୍କୃଷ୍ଟ ମାଧ୍ୟମ ରୂପେ ବ୍ୟବହୃତ ହେଉଛି । କିନ୍ତୁ ଏଥିରେ ପ୍ରଦର୍ଶିତ ନକାରାତ୍ମକ ଦିଗ ପ୍ରତି ଯୁବ ସମାଜ ଆକର୍ଷିତ ହେବା ଦ୍ୱାରା ସମାଜରେ ହିଂସା, କ୍ରୁରତା ଏବଂ ଅଶ୍ଳୀଳତା ବହୁମାତ୍ରାରେ ବୃଦ୍ଧି ପାଇ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ମୋବାଇଲର ଉଦ୍ଭାବନ, ଟେଲିଫୋନ ସାଙ୍ଗକୁ ଟର୍ଚ୍ଚ, ରେଡିଓ, ଟିଭି, କ୍ୟାମେରା ଆଦି ଶିଳ୍ପକୁ ପଛରେ ପକାଇ ସମସ୍ତ ସୁବିଧା ଗୋଟିଏ ଯନ୍ତ୍ରରେ ଉପଲବ୍ଧ କରାଇ ମଣିଷ ଜୀବନରେ ସ୍ୱାଚ୍ଛନ୍ଦ୍ୟ ଆଣି ଦେଇଛି ସତ, କିନ୍ତୁ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ କର୍ମବିମୁଖୀ କରାଇ ଦେଇଛି । ବର୍ତ୍ତମାନ ଏହାର ବ୍ୟବହାର ସମାଜରେ ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କୁ କୌଣସି ମାଦକ ଦ୍ରବ୍ୟଠାରୁ କମ ନିଶାସକ୍ତ କରି ରଖୁନାହିଁ । କର୍ମ ଓ କର୍ତ୍ତବ୍ୟକୁ ଜଳାଞ୍ଜଳି ଦେଇ ଲୋକମାନେ ନିଜର ଅଧିକାଂଶ ମୂଲ୍ୟବାନ ସମୟ ମୋବାଇଲ ସେବାରେ ଅପଚୟ କରୁଛନ୍ତି । ତା' ଛଡ଼ା ମୋବାଇଲ ମାଧ୍ୟମରେ ବିଭିନ୍ନ ପ୍ରକାର ଅପରାଧ ଓ ସାଇବର ଠକେଇ ବହୁ ମାତ୍ରାରେ ବୃଦ୍ଧି ପାଇଛି । ସବୁଠାରୁ ଭୟଙ୍କର ବିପଦ ସୃଷ୍ଟି ହୋଇଛି ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ବୈଜ୍ଞାନିକ ଆବିଷ୍କାର । ଆଦି ମାନବ ପଶୁ ଶିକାର ନିମନ୍ତେ ପଥର ଖଣ୍ଡକୁ ଅସ୍ତ୍ର ରୂପେ ବ୍ୟବହାର କରୁଥିଲା । ତା'ପରେ ନୂତନ ପ୍ରସ୍ତର ଯୁଗରେ ପଥରକୁ ଧାରୁଆ କରି ବ୍ୟବହାର କଲା । ତା'ପରେ ଧନୁତୀର, ବନ୍ଧୁକ, ତୋପଠାରୁ ଆରମ୍ଭ କରି କ୍ଷେପଣାସ୍ତ୍ର ଓ ପରମାଣୁ ବୋମା ପାଖରେ ପହଞ୍ଚି ଯାଇଛି । ପୂର୍ବକାଳରେ ହାତୀ ଘୋଡ଼ା ସାହାଯ୍ୟରେ ଖଣ୍ଡା ଏବଂ ବର୍ଚ୍ଛା ଦ୍ୱାରା ଜଣେ ଜଣଙ୍କ ସହିତ ଯୁଦ୍ଧ କରୁଥିଲେ । କିନ୍ତୁ ଆଜି ମଣିଷର ଟିପ ଅଗରେ ରିମୋଟ ମାଧ୍ୟମରେ ସମଗ୍ର ପୃଥିବୀକୁ ଧ୍ୱଂସ କରିଦେବା ଭଳି ଶକ୍ତିଶାଳୀ ପରମାଣୁ ବୋମା ଓ କ୍ଷେପଣାସ୍ତ୍ର ଶହଶହ ସଂଖ୍ୟାରେ ଗଚ୍ଛିତ କରି ରଖିଛି । କେଉଁ ମୁହୂର୍ତ୍ତରେ ସାମାନ୍ୟତମ ଭୁଲ ବୁଝାମଣା, ଆଖିପିଛୁଳାକେ ସମଗ୍ର ପୃଥିବୀକୁ ଏକ ଧ୍ୱଂସ ସ୍ତୁପରେ ପରିଣତ କରିଦେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ବାରୁଦର ସ୍ତୁପ ଉପରେ ସମଗ୍ର ପୃଥିବୀ ଆଜି ଦଣ୍ଡାୟମାନ । ବିଜ୍ଞାନର ଅଗ୍ରଗତି ହିଁ ଧ୍ୱଂସର ସାଥୀ । ମୋଟାମୋଟି ଭାବରେ ବିଜ୍ଞାନର ଅଗ୍ରଗତି ଫଳରେ ମନୁଷ୍ୟର ଅର୍ଥନୈତିକ ଅବସ୍ଥା, ଶିକ୍ଷା, ପାର୍ଥିବ ଆବଶ୍ୟକତା ବହୁ ଗୁଣରେ ବୃଦ୍ଧି ହୋଇଛି ଏବଂ ତତ୍ ସଙ୍ଗେସଙ୍ଗେ ମାନବୀୟ ଗୁଣର ଅବକ୍ଷୟ ଘଟି କର୍ମ ବିମୁଖତା, ସ୍ୱାର୍ଥପରତା, ପରସ୍ପର ପ୍ରତି ବିଦ୍ୱେଷ ଏବଂ ନୈତିକତାର ହ୍ରାସ ଘଟିଛି । ବିଜ୍ଞାନର ପ୍ରତ୍ୟେକ ଉଦ୍ଭାବନ ଓ ଆବିଷ୍କାର ଆମକୁ ଉନ୍ନତି ପଥରେ ଅଗ୍ରସର କରାଉଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଏକ ନକାରାତ୍ମକ ପ୍ରଭାବ ସୃଷ୍ଟି କରିଛି । ଆଜି ଯଦି ସାରା ପୃଥିବୀ କରୋନା ମହାମାରୀର ଭୂତାଣୁ ଦ୍ୱାରା ଭୟଙ୍କର ଭାବରେ ପ୍ରଭାବିତ, ତାହା ମଧ୍ୟ ସେହି ବିଜ୍ଞାନଗାରର ସୃଷ୍ଟି । ବିନା ଅସ୍ତ୍ର ବିନା ରକ୍ତପାତରେ ପୃଥିବୀର ଲକ୍ଷଲକ୍ଷ ଲୋକ ମୃତାହତ । ବିବର୍ତ୍ତନବାଦରୁ ପୃଥିବୀ ଓ ଜୀବଜଗତ ସୃଷ୍ଟି । କିନ୍ତୁ ମନୁଷ୍ୟ ଯଦି ପ୍ରାକୃତିକ ସମତା ଉପରେ ବୈଜ୍ଞାନିକ ପ୍ରୟୋଗ ଦ୍ୱାରା ଅଯଥା ଓ ଅନାବଶ୍ୟକ ପରିବର୍ତ୍ତନର ଧାରା ଜାରି ରଖେ, ତେବେ ପୃଥିବୀ ଓ ମାନବ ସମାଜ ଅଚିରେ ଧ୍ୱଂସ ହୋଇଯିବ । ଜାଗତିକ ଉଷ୍ଣତା (ଗ୍ଲୋବାଲ ୱାର୍ମିଂ) ମେରୁ ପ୍ରଦେଶରେ ବରଫ ତରଳିବା, ଓଜନ ସ୍ତରରେ ଛିଦ୍ର, ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କର ବିଲୋପ ସାଧନ, ଏସବୁର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ । ସମୟ ଆସିଛି, ଆମେ ଆମର ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ । ପ୍ରାକୃତିକ ପରିବେଶର ଧାରାକୁ ବିକୃତ ନକରି ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରୟୋଗ ନକଲେ ପୃଥିବୀ ଓ ମାନବ ସମାଜର ଧ୍ୱଂସ ଅବଶ୍ୟମ୍ଭାବୀ, ଏହା ନିଃସନ୍ଦେହ ।



# ସନ୍ଥ ନୁହେଁ କି ପାପୀ ନୁହେଁ

**ମହାତ୍ମା ଗାନ୍ଧୀ**

ମୁଁ ଭାବୁଛି ଯେ ଆଧୁନିକ ଜୀବନର ପରିପ୍ରେକ୍ଷୀରେ 'ସନ୍ଥ' ଶବ୍ଦଟିକୁ କେବେହେଲେ ବ୍ୟବହାର କରିବା ଉଚିତ ହେବ ନାହିଁ । ଏହା ଏପରି ଗୋଟିଏ ପବିତ୍ର ଶବ୍ଦ ଯେ, ଆମେ ତାହାକୁ ଅତି ହାଲୁକା ଭାବରେ କୌଣସି ବ୍ୟକ୍ତି ପାଇଁ ପ୍ରୟୋଗ କରିବା ନାହିଁ । ମୋ' କ୍ଷେତ୍ରରେ ତାହାର ପ୍ରୟୋଗ ନିମନ୍ତେ ତ ଆହୁରି କମ୍ ଅବକାଶ ରହିଛି । କାରଣ ମୁଁ ଅତ୍ୟନ୍ତ ବିନମ୍ର ଭାବରେ ପରମ ସତ୍ୟର କେବଳ ଅନ୍ୱେଷଣ ହିଁ କରୁଛି । ନିଜର ସୀମାଗୁଡ଼ିକୁ ମୁଁ ଭଲ ଭାବରେ ଜାଣିଛି, କେତେ କେତେ ଭୁଲ କରୁଛି ଏବଂ ସେହି ଭୁଲଗୁଡ଼ିକ କଲାବେଳେ ସେଗୁଡ଼ିକୁ ସ୍ୱୀକାର କରିବାରେ କଦାପି କୁଣ୍ଠା ପ୍ରକାଶ କରୁନାହିଁ ଏବଂ ଜଣେ ବୈଜ୍ଞାନିକ ପରି ଆଦୌ ସଂକୋଚ ନ ରଖି ସର୍ବଦା ସ୍ୱୀକାର କରୁଛି ଯେ, ମୁଁ ଜୀବନର କେତେକ 'ଚିରନ୍ତନ ସତ୍ୟ ବିଷୟରେ' କେବଳ ପ୍ରୟୋଗମାନ କରୁଛି । ମାତ୍ର ତଥାପି ଜଣେ ବୈଜ୍ଞାନିକ ବୋଲି ମୁଁ ନିଜକୁ ଦାବି କରି ପାରୁ ନାହିଁ, କାରଣ, ଆଧୁନିକ ବିଜ୍ଞାନ ଯେପରି ଆବଶ୍ୟକ କରିଥାଏ, ଆପଣାର ପ୍ରଣାଳୀଗୁଡ଼ିକରେ ବୈଜ୍ଞାନିକ ବିଶୁଦ୍ଧତା ରହିଛି ବୋଲି ମୁଁ କୌଣସି ବାସ୍ତବ ପ୍ରମାଣ ଦେଖାଇ ପାରିବି ନାହିଁ କିମ୍ବା ନିଜର ପ୍ରୟୋଗଗୁଡ଼ିକରୁ ମୋତେ କୌଣସି ସାକାର ଫଳ ପ୍ରାପ୍ତ ହୋଇଛି ବୋଲି ମଧ୍ୟ ପ୍ରମାଣ କରିଦେଇ ପାରିବି ନାହିଁ ।

ମୋତେ ଜଣେ ସନ୍ଥ ବୋଲି କହିବାର ସମ୍ଭାବନା ରହିଥିଲେ ମଧ୍ୟ ତଥାପି ମୋତେ ସନ୍ଥତ୍ୱର ଏକ ପରିଚ୍ଛଦ ଆଣି ପିନ୍ଧାଇ ଦେବାଟା ଅତି ତରତରିଆ ହୋଇଯିବ । ମୁଁ ନିଜେ କୌଣସି ଆକାର ଅଥବା ପ୍ରକାରରେ ନିଜକୁ ଜଣେ ସନ୍ଥ ବୋଲି ଆଦୌ ଅନୁଭବ କରି ପାରୁନାହିଁ । ମାତ୍ର, ଅଚେତନ, ଅନାଚରଣ ତଥା ଆଚରଣର ମୋ'ର ଯାବତୀୟ ପ୍ରମାଦ ସତ୍ତ୍ୱେ ମୁଁ ତଥାପି ଆପଣାକୁ ପରମ ସତ୍ୟର ଜଣେ ଉପାସକ ବୋଲି ଅବଶ୍ୟ ଅନୁଭବ କରୁଛି ।

'ସନ୍ଥର ଭେକ ପିନ୍ଧିଛି ଅଥଚ ରାଜନୀତି ଭିତରେ ରହିଛି' -ମୁଁ ଆଦୌ ସେଭଳି ଜଣେ ବ୍ୟକ୍ତି ନୁହେଁ । ମାତ୍ର, ପରମ ସତ୍ୟ ହିଁ ପ୍ରକୃତରେ ଉଚ୍ଚତମ ପ୍ରଜ୍ଞା ହୋଇଥିବାରୁ, ମୋ'ର କାର୍ଯ୍ୟକଳାପ ଗୁଡ଼ିକ ସମୟ ସମୟରେ ସର୍ବୋଚ୍ଚ ରାଜନୀତିକତା ସହିତ ସଙ୍ଗତି ରଖିଥିବା ପରି ଦେଖାଯାଉଛି । ମାତ୍ର, ମୁଁ ଆଶା କରୁଛି ଯେ, ସତ୍ୟ ଏବଂ ଅହିଂସା ବ୍ୟତୀତ ମୋ' ଭିତରେ କୌଣସି ଅନ୍ୟ ନୀତି ନାହିଁ । ମୋ' ଦେଶ ଅଥବା ଧର୍ମର ମୁକ୍ତି ହାସଲ କରିବା ନିମନ୍ତେ ମଧ୍ୟ ମୁଁ କେବେ ହେଲେ ସତ୍ୟ ଓ ଅହିଂସାକୁ ତ୍ୟାଗ କରିବି ନାହିଁ । ଏହିପରି ଭାବରେ ଏହି ଦୁଇଟିରୁ କୌଣସି ଗୋଟିଏ ମଧ୍ୟ ମୁକ୍ତି ଲାଭ କରି ପାରିବ ନାହିଁ ସେହି ଗୋଟିଏ କଥାକୁ ଏପରି ମଧ୍ୟ କୁହାଯାଇ ପାରିବ ।

ମୋ' ଜୀବନରେ ମୁଁ କୌଣସି ଅନ୍ତର୍ବିରୋଧ ଅଥବା ଅସଙ୍ଗତି ରହିଥିବାର ଆଦୌ ଦେଖି ପାରୁନାହିଁ । ଏକଥା ଅତ୍ୟନ୍ତ ସତ୍ୟ ଯେ, ଜଣେ ବ୍ୟକ୍ତି ତା'ର ପିଠି ପାଖଟିକୁ ଦେଖି ନ ପାରିଲା ଭଳି ନିଜର ଭୁଲ ଅଥବା ଅସଙ୍ଗତିଗୁଡ଼ିକୁ ମଧ୍ୟ ଦେଖିପାରେ ନାହିଁ । ମାତ୍ର ପଣ୍ଡିତ ବ୍ୟକ୍ତିମାନେ ଅନେକ ସମୟରେ ଜଣେ ଧର୍ମସ୍ଥ ବ୍ୟକ୍ତିଙ୍କୁ ପାଗଳ ସହିତ ତୁଳନା କରିଛନ୍ତି । ତେଣୁ, ମୁଁ ଯେ ଆଦୌ ଅସଙ୍ଗତିପୂର୍ଣ୍ଣ ହୋଇ ନ ଥିବି ଏବଂ ସମ୍ଭବତଃ ଯଥାର୍ଥ ଭାବରେ ଧର୍ମସ୍ଥ ହୋଇଥିବି, ମୁଁ ସେହି ବିଶ୍ୱାସ ରଖୁଛି । ଏହି ଦୁଇଟି ମଧ୍ୟରୁ ମୁଁ ପ୍ରକୃତରେ କେଉଁଟି, କେବଳ ମୋ'ର ମୃତ୍ୟୁ ପରେ ହିଁ ତାହାର ନିଷ୍ପତ୍ତି ହୋଇପାରିବ ।'

ମୋ'ର ମନେ ହେଉଛି, ଅହିଂସାର ଆଦର୍ଶ ତୁଳନାରେ ସତ୍ୟର ଆଦର୍ଶଟିକୁ ମୁଁ ଅଧିକ ଭଲ ଭାବରେ ବୁଝିଛି ଏବଂ ମୋ'ର ଅନୁଭବ ମୋତେ ଏକଥା ମଧ୍ୟ କହିଦେଇ ପାରୁଛି ଯେ, ସତ୍ୟ ଉପରେ ରହିଥିବା ମୋ'ର ନିର୍ଭରଶୀଳତା ଯଦି ମୋ'ର ହାତଛଡ଼ା ହୋଇଯିବ, ତେବେ ମୁଁ ଅହିଂସାର ପ୍ରହେଳିକାରେ ମଧ୍ୟ କେବେ କୌଣସି ସମାଧାନ ପାଇବାଲାଗି ସମର୍ଥ ହେବି ନାହିଁ ।...

ଅର୍ଥାତ୍, ସମ୍ପୂର୍ଣ୍ଣଭାବରେ ସିଧା ବାଟଟିରେ ଗତି କରିବାଲାଗି ସମ୍ଭବତଃ ମୋ' ଭିତରେ ଆବଶ୍ୟକ ସାହସର ଅଭାବ ରହିଛି । ସତ୍ୟ ଓ ଅହିଂସା ମର୍ମତଃ ଗୋଟିଏ କଥାକୁ ହିଁ ବୁଝାଉଛନ୍ତି । କାରଣ, ଯେତେବେଳେ ବିଶ୍ୱାସର ଅଭାବ ରହିଥାଏ ଅଥବା ବିଶ୍ୱାସ ଦୁର୍ବଳ ଥାଏ, ନିଃସନ୍ଦେହଭାବରେ ସେହି ଅବସ୍ଥାଟିକୁ ହିଁ ସନ୍ଦେହ ବୋଲି କୁହାଯାଏ । ତେଣୁ, 'ହେ ପରମ ପ୍ରଭୁ, ତୁମେ ମୋତେ ବିଶ୍ୱାସ ଦିଅ', ଏହାହିଁ ଦିନରାତି ମୋ'ର ପ୍ରାର୍ଥନା ହୋଇ ରହିଛି ।

ମୋ'ର ବାଲ୍ୟକାଳରୁ ହିଁ ମୁଁ ସତ୍ୟର ଜଣେ ଉପାସକ ହୋଇ ରହିଆସିଛି, ଏହାହିଁ ମୋତେ ସବୁଠାରୁ ଅଧିକ ସ୍ୱାଭାବିକ ବୋଲି ଦେଖା ଯାଇଥିଲା । ପ୍ରାର୍ଥନାମୟ ମୋ'ର ସେହି ଅନ୍ୱେଷଣ ଦ୍ୱାରା 'ଈଶ୍ୱର ହିଁ ସତ୍ୟ', ଏହି ପ୍ରଚଳିତ ନୀତିବଚନଟିର ବଦଳରେ 'ସତ୍ୟ ହିଁ ଭଗବାନ' ଏହି ଅନ୍ୟ ପରମ ସୂତ୍ରଟି ମୋ' ସମ୍ମୁଖରେ ଉଦ୍‌ଘାଟିତ ହୋଇ ଯାଇଥିଲା । ସେହି ସୂତ୍ରଟି ଭଗବାନଙ୍କୁ ସତେ ଯେପରି ଏକାବେଳେକେ ପ୍ରତ୍ୟକ୍ଷ ଭାବରେ ଦର୍ଶନ କରିବାକୁ ମୋତେ ସମର୍ଥ କରାଉଛି । ସେ ମୋ' ସତ୍ତାର ପ୍ରତ୍ୟେକ ତନ୍ତୁ ଭିତରେ ଭେଦି କରି ରହିଛନ୍ତି ବୋଲି ମୁଁ ଅନୁଭବ କରିପାରୁଛି ।

# ସଦ୍‌ଗୁଣଗୁଡିକର ଅଭ୍ୟାସ ଏବଂ ଚରିତ୍ର ନିର୍ମାଣ

ଲୋକୋକ୍ତି ଅଛି ଯେ ଯଦି ଧନ ଚାଲିଗଲା ତ କିଛି ଗଲା ନାହିଁ । ଯଦି ସ୍ୱାସ୍ଥ୍ୟ ଚାଲିଗଲା ତ କିଛି ଗଲା ବୋଲି ବୁଝିବାକୁ ହେବ ଏବଂ ଯଦି ଚରିତ୍ର ଚାଲିଗଲା ତ ମାନିବାକୁ ହେବ ଯେ ସବୁ କିଛି ଚାଲିଗଲା, କାରଣ ଧନ ଗଲେ ପୁଣି ତାକୁ ଅର୍ଜନ କରାଯାଇ ପାରିବ । ସ୍ୱାସ୍ଥ୍ୟକୁ ଅର୍ଜନ କରିବା ସେତେ ସରଳ ହୋଇ ନଥାଏ, ଏଣୁ ଏହାକୁ ଧନ ଠାରୁ ଅଧିକ ମୂଲ୍ୟବାନ୍ ବୋଲି ସ୍ୱୀକାର କରାଯାଏ, କିନ୍ତୁ ଚରିତ୍ରକୁ ସବୁଠାରୁ ମୂଲ୍ୟବାନ୍ କୁହାଯାଇଛି । କାରଣ ଯେତେବେଳେ ଥରେ କୌଣସି ବ୍ୟକ୍ତିର ଚରିତ୍ର କଳଙ୍କିତ ହୋଇଯାଏ, ତ ସେଥିରୁ ମୁକୁଳିବା କଠିନ ହୋଇଯାଏ । ବ୍ୟକ୍ତି ଅନ୍ୟମାନଙ୍କ ନଜରରୁ ନୁହେଁ, ନିଜ ନଜରରୁ ମଧ୍ୟ ତଳକୁ ଖସିଯାଏ ।

ଚରିତ୍ରର ସିଧା ସମ୍ବନ୍ଧ ବ୍ୟକ୍ତିର ବିଶ୍ୱସନୀୟତା ଓ ପ୍ରାମାଣିକତା ସହିତ ରହିଛି । ଯଦି କୌଣସି ସ୍ତରରେ ବ୍ୟକ୍ତିର ବିଶ୍ୱସନୀୟତା ଓ ପ୍ରାମାଣିକତା ଉପରେ ପ୍ରଶ୍ନଚିହ୍ନ ଲାଗିଯାଏ ତ ଚାରିତ୍ରିକ ରୂପରେ କେଉଁଠି ନା କେଉଁଠି ଦୁର୍ବଳତାର ଆଭାସ ହୋଇଥାଏ । ଏଣୁ ଚରିତ୍ର ନିର୍ମାଣକୁ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପ୍ରକ୍ରିୟା କହିଲେ ଅତିଶୟୋକ୍ତି ହେବ ନାହିଁ । କିନ୍ତୁ ଏହି ସନ୍ଦର୍ଭରେ ଅଧିକାଂଶ ଲୋକ ଅଧିକ ସଜାଗ-ସଚେଷ୍ଟ ହୋଇ ନଥାନ୍ତି । ଫଳରେ ଏହି ସୁରଦୁର୍ଲଭ ଜୀବନର ସମୁଚିତ ଲାଭ ନେଇପାରି ନଥାନ୍ତି ତଥା ଅନ୍ୟମାନଙ୍କ ଉପରେ ସକାରାତ୍ମକ ଛାପ ଛାଡ଼ିପାରି ନଥାନ୍ତି ଏବଂ ଜୀବନରେ ଅସନ୍ତୁଷ୍ଟି ଓ ହତାଶା-ନିରାଶା ମଧ୍ୟରେ ଏକ ଗଭୀର ଦୁଃଖମୟ ଜୀବନ ଜିଇବାର ଦେଖାଯାଇଥାଏ ।

ପୁରାତନ କାଳରେ ନୈତିକତାର ଉଚ୍ଚସ୍ତରୀୟ ମାନଦଣ୍ଡରେ କଷି ଚରିତ୍ର ନିର୍ମାଣର ପ୍ରକ୍ରିୟା ସମ୍ପନ୍ନ ହେଉଥିଲା, କିନ୍ତୁ ଆଜିର ଦୂଷିତ ବାତାବରଣ ଏବଂ କଳି କାଳର ପ୍ରଭାବରେ ସେପରି କିଛି କରି ପାରିବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ ।

ପରିବାର, ସମାଜ ଓ ସଂସାର ମଧ୍ୟରେ ରହି ବି ଏହାର ଅଭ୍ୟାସ କରାଯାଇପାରେ । ଏଥିରେ ବର୍ଣ୍ଣିତ ସଦ୍‌ଗୁଣଗୁଡ଼ିକର ଅଭ୍ୟାସ ସହିତ ଚରିତ୍ର ନିର୍ମାଣର ପ୍ରକ୍ରିୟା ସଂପନ୍ନ ହୋଇଥାଏ । ଜୀବନ ସାଧନାର ଏହି ସ୍ୱର୍ଣ୍ଣିମ ସୂତ୍ରଗୁଡ଼ିକରେ, ଜୀବନ ବହୁ ମୂଲ୍ୟବାନ୍ କରୁଥିବା ଚରିତ୍ର ନିର୍ମାଣର ବୀଜ ଲୁଚି ରହିଛି ।

ପ୍ରାଚୀନ କାଳରେ ପ୍ରତ୍ୟେକ ସାଧକକୁ ପ୍ରାରମ୍ଭରେ ଯମ-ନିୟମ ସାଧିବାକୁ ପଡୁଥିଲା । ତାହାର ଅନ୍ତର୍ଗତ ସତ୍ୟ, ଅହିଂସା, ବ୍ରହ୍ମଚର୍ଯ୍ୟ, ଅସ୍ତେୟ, ଅପରିଗ୍ରହ ଆଦିର ସାଧନା ଅନିବାର୍ଯ୍ୟ ଥିଲା ସେହି ସମୟର ସାମାଜିକ ବାତାବରଣରେ ସେଗୁଡ଼ିକ ସର୍ବସାଧାରଣଙ୍କ ପାଇଁ ସାଧ୍ୟ ରହିଥିବ, ପରନ୍ତୁ ଆଜିର ସ୍ଥିତିରେ ସେପରି କରିବା ସମ୍ଭବ ଦେଖାଯାଉ ନାହିଁ । ଏବେ ଯଦି ବ୍ୟାବହାରିକ ପଞ୍ଚଶୀଳର ପରିପାଳନ ଅଭ୍ୟାସରେ ସମ୍ମିଳିତ ହୋଇ ପାରିବ ତ କାମ ଚଳିଯିବ । ଶ୍ରମଶୀଳତା, ମିତବ୍ୟୟିତା, ଶିଷ୍ଟତା, ସୁବ୍ୟବସ୍ଥା ଓ ସହକାରିତାର ପଞ୍ଚଶୀଳ ଆମର କ୍ରିୟାକଳା ପରେ ପୂରାପୂରି ଗୋଳି ହୋଇଗଲେ ବୁଝିବାକୁ ହେବ ଯେ ପ୍ରାଚୀନ କାଳର ତପ-ସାଧନା ସମତୁଲ୍ୟ ସାଧନାତ୍ମକ ସାହସ ହୋଇ ପାରିଲା ।

ଶ୍ରମଶୀଳତା ହେଉଛି ପ୍ରଥମ ସଦ୍‌ଗୁଣ । ଶ୍ରମଶୀଳ ଜୀବନ ଚରିତ୍ରନିଷ୍ଠ ବ୍ୟକ୍ତିତ୍ୱର ପର୍ଯ୍ୟାୟ । ଏପରି ବ୍ୟକ୍ତି ନିଜ ଶ୍ରମର ଆଜୀବିକା ଦ୍ୱାରା ନିର୍ବାହ କରିଥାଏ, ପରିବାରର ଭରଣ-ପୋଷଣ କରିଥାଏ । ଏହାର ପରିଣାମ ହୋଇଥାଏ, ସଂସ୍କାରବାନ୍ ପରିବାର ଏବଂ ସଦ୍‌ଗୃହସ୍ଥ ଜୀବନ । ଶ୍ରମର ଅଭାବରେ ବ୍ୟକ୍ତି କାମଚୋର ହୋଇଯାଏ । ଏଣୁ ଶ୍ରମର ଗରିମା ଓ ଶ୍ରମଶୀଳ ଜୀବନକୁ ଚରିତ୍ର ନିର୍ମାଣର ଏକ ବ୍ୟାବହାରିକ ଆଧାର ମାନି ପାରନ୍ତି, ଯାହାକୁ ପ୍ରତ୍ୟେକ ସଜ୍ଜନ ବ୍ୟକ୍ତି ପାଳନ କରନ୍ତି ।

ମିତବ୍ୟୟିତାରେ ବ୍ୟକ୍ତି ନିଜର ଆୟକୁ ଦେଖି ବ୍ୟୟ କରିଥାଏ ଏବଂ ନିଜ ଆୟର ଅନୁକୂଳ ଖର୍ଚ୍ଚର ବ୍ୟବସ୍ଥା କରିଥାଏ । ଏହାକୁ 'ସାଦା ଜୀବନ ଉଚ୍ଚ ବିଚାର'ର ଅଭ୍ୟାସ ମଧ୍ୟ କହି ପାରନ୍ତି । ଏହାର ଅଭାବରେ ବାଜେ ଖର୍ଚ୍ଚ ଓ ବିଳାସିତା ଜୀବନର ଅଙ୍ଗ ହୋଇଯାଏ । ଏପରି ସ୍ଥିତିରେ ବ୍ୟକ୍ତି ନିଜର ସୀମିତ ଆୟ ସହିତ ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ପାଇଁ ଦୁର୍ନୀତି କରିବା ନିମନ୍ତେ ବାଧ୍ୟ ହୋଇଥାଏ ।


ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

# ସ୍ୱର୍ବେଦ

**ଶବ୍ଦ କେ ଧାରକ ଶକ୍ତି କୋ,**
**ମକର ତାର କହ ସୋୟ ।**
**ହଁସ ପୁରୁଷ ଲାଗୀ ରହେ, ୟହ**
**ଗତି ଜାନ ନ କୋୟ ।।୬୯।।**

ଭାଷ୍ୟ - ଶବ୍ଦକୁ ଧାରଣ କରୁଥିବା ଶକ୍ତିକୁ ମକର ତାର କହନ୍ତି । ଜୀବ ଠାରୁ ପୁରୁଷ ପର୍ଯ୍ୟନ୍ତ ଏହାର ସମ୍ବନ୍ଧ ଲାଗି ରହିଛି । ଏହି ଜ୍ଞାନ ରହସ୍ୟକୁ ଅନୁଭବୀ ସନ୍ଥ ଅତିରିକ୍ତ ଅନ୍ୟ କେହି ଜାଣି ପାରନ୍ତି ନାହିଁ ।


**ସୁରତି ନିରୋଧେ ଆପ ମେଁ,**
**ସକଲ ଜ୍ଞାନ ନିଜ ଆୟ ।**
**ଧ୍ୟାନ ଜାହି ମନ ରୂପ କୋ,**
**ମାୟା ବ୍ରହ୍ମ ସମାୟ ।।୭୦।।**

ଭାଷ୍ୟ - ଆତ୍ମା ଯେଉଁଥିରେ ନିଜ ଶକ୍ତିର ସଂଚୟ କରେ, ସେହି ଧ୍ୟେୟର ସମସ୍ତ ଗୁଣ ତା' ଭିତରେ ଆସିଯାଏ ଓ ତାହା ତା'ର ସ୍ୱରୂପ ହୋଇଯାଏ ଅର୍ଥାତ୍ ସେ ଯେଉଁ ସ୍ୱରୂପକୁ ଧ୍ୟାନ କରେ, ସେ ସେହି ସ୍ୱରୂପର ହୋଇଯାଏ । ଜଗତର ଧ୍ୟାନ କରିବା ଦ୍ୱାରା ଜଗତର ସ୍ୱରୂପ ଓ ବ୍ରହ୍ମର ଚିନ୍ତନ ଭଜନ କରିବା ଦ୍ୱାରା ବ୍ରହ୍ମର ସ୍ୱରୂପ ହୋଇଯାଏ ।

**କରତ କରତ ଅଭ୍ୟାସ ସେ, ଦଶା**
**ସୁଷ୍ମନା ଆୟ ।**
**ନିଃଶ୍ୱାଁସା ମେଁ ଗମ କରେ,**
**ଅନୁଭଓ୍ୱ ଶବ୍ଦ ଲଖାୟ ।।୭୧।।**

ଭାଷ୍ୟ - ଅଭ୍ୟାସ ଦ୍ୱାରା ସୁଷୁମ୍ନା ପ୍ରବାହିତ ହେବାରେ ଲାଗେ ଓ ଇଙ୍ଗଳା ପିଙ୍ଗଳା ଦୁଇ ନାସାପୁଟ ବନ୍ଦ ହୋଇଯାଏ ଆଉ ନିଶ୍ୱାସ ହେବାପରେ ଶବ୍ଦର ଅନୁଭବ ପ୍ରକାଶ ପ୍ରାପ୍ତ ହୋଇଥାଏ ।

**ସାର ଶବ୍ଦ କୀ ସାଧନା, ସର୍ୱ୍ୱ**




**ସାଧନା ହୋୟ ।**
**ମୂଲ ନୀର ମୁଖ ଅନ ଦିୟେ, ସର୍ୱ୍ୱ**
**ପାଲନା ହୋୟ ।।୭୨।।**

ଭାଷ୍ୟ - ଗୋଟିଏ ସାଧନା ପୂରଣ ହୋଇଯିବା ପରେ ହିଁ ଆଉ ଏକ ସାଧନା ପ୍ରାରମ୍ଭ କରିବା ଉଚିତ । ଦୁଇଟି ଶ୍ରେଣୀରେ ଶକ୍ତି ବାଂଟି ହୋଇଯିବା ହେତୁ ଆଗକୁ ସାଧନା ଅଭ୍ୟାସରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେଥିପାଇଁ କ୍ରମପୂର୍ବକ ସାଧନା କରି ଅଗ୍ରସର ହେବାକୁ ପ୍ରୟାସ କରିବା ଉଚିତ ।

**ଶନୈ ଶନୈ ଦୂର ଦେଶ ମେଁ,**
**ଶନୈ ପର୍ୱ୍ୱତ ଲାଂଘ ।**
**ବୁନ୍ଦ ବୁନ୍ଦ ସାଗରେ ଭରେ, ଅକ୍ଷର**
**ଅକ୍ଷର ସାଧ ।।୭୩।।**

ଭାଷ୍ୟ - ଧୀରେ ଧୀରେ ଚାଲିବା ଆରମ୍ଭ କଲେ ମନୁଷ୍ୟ ସୁଦୂର ସ୍ଥାନକୁ ପହଞ୍ଚି ପାରେ ଓ ଧୀରେ ଧୀରେ ଚାଲିବା ଦ୍ୱାରା ପର୍ବତର ଉଚ୍ଚ ଶିଖରକୁ ମଧ୍ୟ ଲଂଘିହୁଏ । ବୁନ୍ଦା ବୁନ୍ଦା ପାଣି ବର୍ଷିଲେ ଜଳାଶୟ ଭରିଯାଏ ଓ ଧୀରେ ଧୀରେ ବିଦ୍ୟା ପଢ଼ିଲେ କେବେ ନା କେବେ ମନୁଷ୍ୟ ବିଦ୍ୱାନ୍ ହୋଇଥାଏ ।

**ଦୀମକ ମିଟ୍ଟୀ ଜୋରତେ, ସାକ୍ଷର**
**ଧର୍ମ ଅଚାର ।**
**କ୍ଷଣ କ୍ଷଣ କେ ଅଭ୍ୟାସ ମେଁ,**
**ୟୋଗୀ ବ୍ରହ୍ମ ଓ୍ୱିଚାର ।।୭୪।।**

ଭାଷ୍ୟ - ଯେପରି ଉଈ ମାଟିରେ ହୁଙ୍କା ତିଆରି କରିପାରେ, ସେପରି ବିଦ୍ୱାନ୍ ଧର୍ମଜ୍ଞ ପୁରୁଷ ଧର୍ମର ଆଚରଣ କରି ପୂର୍ଣପ୍ରୁ ହୋଇଯାଏ । ଠିକ୍ ସେହିପରି ଯୋଗୀ ପ୍ରତିକ୍ଷଣ ବ୍ରହ୍ମ ଉପାସନା କରି ନିଜର ଅଭିଳଷିତ ଲକ୍ଷ୍ୟକୁ ପୂରଣ କରି ପରମାନନ୍ଦିତ ହୋଇ କୃତକୃତ୍ୟ ହୋଇଯାଏ । ସେଥିପାଇଁ ସଦ୍‌ଗୁରୁଙ୍କର ଯୋଗ ବିଦ୍ୟା ଦ୍ୱାରା ପ୍ରତିଦିନ ଯୋଗ ସାଧନା କରି ମାନବ ଜୀବନକୁ ସୁଖମୟ କରିବା ଉଚିତ ଯାହା ଦ୍ୱାରା ଜୀବନର ସମସ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ।

**ଜୀଓ୍ୱ ପ୍ରେମ ପ୍ରଭୁ ମେଁ କରେ,**
**ଉତନେ ପ୍ରଭୁ କର ହୋୟ ।**
**କୃପାଦୃଷ୍ଟି ପ୍ରଭୁ ଜାହି ପର, ଜଗତ**
**ପ୍ରେମ କର ସୋୟ ।।୭୬।।**

ଭାଷ୍ୟ - ଜୀବ ପ୍ରଭୁଙ୍କୁ ଯେତିକି ପ୍ରେମ କରିଥାଏ, ତାହାକୁ ସେତିକି ପ୍ରେମ ପ୍ରଭୁ ମଧ୍ୟ କରିଥାନ୍ତି । ଯେଉଁ ଭକ୍ତ ଉପରେ ପ୍ରଭୁକୃପା ରହିଥାଏ, ତାକୁ ସଂସାରର ସମସ୍ତେ ପ୍ରେମ କରିଥାନ୍ତି ।

**କର୍ମ ଫଲେ ଚିରକାଲ ମେଁ, ପ୍ରେମ**
**ସଦ୍ୟ ଫଲ ଦେୟ ।**
**ଜ୍ୟୌଁ ଜ୍ୟୌଁ ପ୍ରେମ ବଢ଼ାଓ୍ୱ ହୈ, ତ୍ୟୌଁ**
**ତ୍ୟୌଁ ଫଲ ସୁଖ ଲେୟ ।।୭୭।।**

ଭାଷ୍ୟ - ଜପ, ତପ, ଦାନ ଏବଂ ବ୍ରତର ଫଳ ଚିରକାଳରୁ ପ୍ରାପ୍ତ ହୋଇଆସିଛି ଏବଂ ଯେତେବେଳେ ପରମେଶ୍ୱରଙ୍କ ଠାରେ ପ୍ରୀତି ଲାଗିଯାଏ, ସେହି ସମୟରୁ ତାହାର ଫଳ ମିଳିବାରେ ଲାଗେ । ଯେଉଁ ପ୍ରକାର ପ୍ରେମ ବୃଦ୍ଧି ପାଇବାରେ ଲାଗେ, ଠିକ୍ ସେହିପରି ତାହାର ଫଳସୁଖ ମଧ୍ୟ ସମୃଦ୍ଧ ହେବାରେ ଲାଗେ । ଅତଏବ ସମସ୍ତ କାମନାକୁ ତ୍ୟାଗକରି ଈଶ୍ୱରଙ୍କୁ ଶୁଦ୍ଧ ଭାବରେ ପ୍ରେମ କରିବା ଉଚିତ ।

**ଈଶ୍ୱର କୀ ଅଓ୍ୱରାଧନା, ମିଲେ**
**ଚାର ଫଲ ଆୟ ।**
**ଅର୍ଥ ଧର୍ମ ଅରୁ କାମ ହୈ, ମୋକ୍ଷ**
**ମହାସୁଖ ପାୟ ।।୭୮।।**

ଭାଷ୍ୟ - ଈଶ୍ୱରଙ୍କର ଉପାସନାରୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରାପ୍ତ ହୋଇଥାଏ । କେବଳ ଈଶ୍ୱର ହିଁ ଚତୁର୍ବର୍ଗ ଫଳ ପ୍ରଦାନ କରିଥାନ୍ତି ।

**ମାୟା ମୁଞ୍ଚନ କେ ଲିୟେ, ଏକ**
**ମୂଲ୍ୟ ଉପାୟ ।**
**ଗୁରୁ ସେଓ୍ୱା ପ୍ରଭୁ ଭଜନ ହୈ,**
**କ୍ରମ ସେ ଛୁଟ ଅପାୟ ।।୭୯।।**

ଭାଷ୍ୟ - ସଦ୍‌ଗୁରୁ ସେବା ଓ ମହାପ୍ରଭୁଙ୍କର ଭଜନ ମାୟାରୁ ମୁକ୍ତି ନିମନ୍ତେ ଏକମାତ୍ର ଅମୂଲ୍ୟ ଉପାୟ ଅଟେ । ଯେଉଁ ପ୍ରକାରେ ପ୍ରଭୁଙ୍କର ଭଜନ ହେବାରେ ଲାଗେ ସେହି ପ୍ରକାରେ ଧୀରେ ଧୀରେ ମାୟା ଛାଡ଼ିବାରେ ଲାଗେ ଆଉ ଜ୍ଞାନ ଓ ଆନନ୍ଦ ପ୍ରାପ୍ତ ହେବାରେ ଲାଗେ । ଏତଦ୍ ଭିନ୍ନ ମାୟାରୁ ମୁକ୍ତି ପାଇଁ ଅନ୍ୟ କୌଣସି ଉପାୟ ନାହିଁ । ଅତଏବ ସଦ୍‌ଗୁରୁ ଶରଣରେ ରହି ପ୍ରଭୁଙ୍କର ଭଜନ କରିବା ଉଚିତ ।

# ସଦ୍‌ଗୁଣଗୁଡିକର ଅଭ୍ୟାସ...

(ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଏହାକୁ ଏକ ଚାରିତ୍ରିକ ଦୋଷ ବୋଲି ମାନିବା ଉଚିତ, ଯାହାକୁ ନିୟନ୍ତ୍ରଣ କରା ନ ଗଲେ ବଡ଼ ବଡ଼ ଦୁର୍ନୀତି ରୂପେ ପ୍ରକଟ ହୋଇଥାଏ, ଯାହା ସମ୍ବାଦପତ୍ର ଗୁଡ଼ିକରେ ମୁଖ୍ୟ ଶିରୋନାମା ଭାବେ ସ୍ଥାନ ପାଇଥାଏ । ଏହା ସହିତ ବ୍ୟକ୍ତି ଆର୍ଥିକ ରୂପେ ନିଜର ଚାରିତ୍ରିକ ଆଧାର ହରାଇ ବସେ ଏବଂ ସାମାଜିକ ସ୍ତରରେ ଲାଞ୍ଛନର ପାତ୍ର ହୋଇଥାଏ । ଅନ୍ତରାତ୍ମାର କାଠଗଡ଼ାରେ ମଧ ଅପରାଧୀ ଭଳି ଠିଆ ହୋଇଥାଏ । ସୁବ୍ୟବସ୍ଥା ଏକ ସୁଗଢ଼ ଓ ସଫଳ ଜୀବନର ଆଧାର, ଯାହା ଏକ କାର୍ଯ୍ୟକୁଶଳ ଏବଂ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱ ରୂପେ ବ୍ୟକ୍ତି ଭିତରେ ସଶକ୍ତ ଚରିତ୍ରର ଏକ ଆୟାମ ଯୋଡ଼ିଥାଏ । ଏହାର ଅଭାବରେ ଅସ୍ତବ୍ୟସ୍ତ ଜୀବନଚର୍ଯ୍ୟା ସହିତ ମାନସିକ ଶକ୍ତିର ହ୍ରାସ ହୋଇଥାଏ, ବ୍ୟକ୍ତି କୌଣସି ଲକ୍ଷ୍ୟ ଉପରେ କେନ୍ଦ୍ରିତ ହୋଇପାରେ ନାହିଁ । ଏପରି ସ୍ଥିତିରେ ବ୍ୟକ୍ତି ସ୍ୱୟଂ ନିଜ ଭିତରେ ଫସିଯାଏ ଏବଂ ଏକ ଅସଫଳ ଜୀବନର ସାର୍ଥକତା ଉପରେ ପ୍ରଶ୍ନଚିହ୍ନ ଲାଗିଯାଏ ।ସେହି ବ୍ୟକ୍ତି ଏକ ସାର୍ଥକ- ସଫଳ ଜୀବନର କଷଟିରେ ଶୁଦ୍ଧ ପ୍ରମାଣିତ ହୋଇପାରେ ନାହିଁ, ଯାହାକୁ ଅନୁକରଣୀୟ କୁହାଯାଇ ପାରିବ ।

ଶିଷ୍ଟତା ବ୍ୟାବହାରିକ ଜୀବନର ଏକ ମହତ୍ତ୍ୱ ପୂର୍ଣ୍ଣ ସଦ୍‌ଗୁଣ । ଶାଳୀନତା ବିନା ମୂଲ୍ୟରେ ମିଳେ, କିନ୍ତୁ ତଦ୍ୱାରା ସବୁ କିଛି କ୍ରୟ କରାଯାଇପାରେ । ଶିଷ୍ଟ, ଶାଳୀନ ଓ ବିନମ୍ର ବ୍ୟକ୍ତି ସମସ୍ତଙ୍କର ବିଶ୍ୱାସପାତ୍ର ଏବଂ ସମ୍ମାନର ଅଧିକାରୀ ହୋଇଥାଏ ଓ ଯେକୌଣସି ସମୂହରେ ନିଜର ବିଶେଷ ସ୍ଥାନ ସୁରକ୍ଷିତ କରିନିଏ । ଏହାର ଅଭାବରେ ବ୍ୟକ୍ତି ଉପରେ ଅହଂକାରୀ, ଗର୍ବୀ, ଅସଭ୍ୟ, ଉଦ୍ଦଣ୍ଡ ଆଦି ହେବାର ଦାଗ ଲାଗିଯାଏ, ଯାହାକୁ କେହି ନିଜ ସମୂହରେ ମିଶାଇବା ପାଇଁ ଚାହିଁ ନ ଥାନ୍ତି । ଏପରି ସ୍ଥିତିରେ ବ୍ୟାବହାରିକ ଜୀବନରେ ଏକ ସମ୍ମାନପୂର୍ଣ୍ଣ ଜୀବନ କଠିନ ହୋଇଯାଏ ।

ସହକାରିତା ଆଧାରରେ ପରିବାର, ସମାଜ ଓ ସମୂହରେ ସାମଞ୍ଜସ୍ୟ ରଖି ମିଳିମିଶି କାର୍ଯ୍ୟ କରିବା ସମ୍ଭବ ହୋଇଥାଏ । ଏହାର ଅଭାବରେ ବ୍ୟକ୍ତି ନିଃସଙ୍ଗ ଓ ସ୍ୱାର୍ଥୀ ହୋଇ ନିଜର ରାଜମହଲ ତ ଠିଆ କରିଦିଏ, କିନ୍ତୁ ସାଧାରଣ ଜନତା ମଧରେ ବ୍ୟକ୍ତିର ଚରିତ୍ର ସନ୍ଦିଗ୍ଧ ରହିଥାଏ । ଏପରି ବ୍ୟକ୍ତିକୁ ଏକାକୀ ଓ ଉପେକ୍ଷିତ ରହିବାକୁ ପଡ଼ିଥାଏ ଏବଂ ଏକ ନୀରସ ଜୀବନ ବିତାଇବାକୁ ପଡ଼ିଥାଏ । ଏପରି ସ୍ଥିତିରେ ଅନ୍ୟମାନଙ୍କର ଉଚିତ ସ୍ନେହ, ସହଯୋଗ ଓ ସମ୍ମାନ ଅଭାବରେ ବ୍ୟକ୍ତି ସଂକୀର୍ଣ୍ଣ ସ୍ୱାର୍ଥପରତାର କାରାଗୃହରେ ଅଣନିଃଶ୍ୱାସୀ ଭରା ଜୀବନ ବଞ୍ଚିବା ପାଇଁ ଅଭିଶପ୍ତ ହୋଇଥାଏ ।

ସଚ୍ଚୋଟତାର ଅଭାବ ବେଇମାନି ରୂପରେ ପରିଭାଷିତ ହୋଇଥାଏ । କୌଣସି ବ୍ୟକ୍ତି ଏପରି ବ୍ୟକ୍ତି ସହିତ ସାଥୀ ହେବା ପାଇଁ ଚାହିଁ ନ ଥାନ୍ତି । ଜଣେ ଚୋର-ଡାକୁମାନଙ୍କ ସରଦାର ମଧ ନିଜ ସମୂହରେ ସଚୋଟ ବ୍ୟକ୍ତିକୁ ହିଁ ସାମିଲ କରିଥାଏ, ଯିଏ ହାସଲ କରିଥିବା ଧନ-ବୈଭବକୁ ସାଧୁତା ପୂର୍ବକ ସମସ୍ତଙ୍କ ଭିତରେ ବାଣ୍ଟି ପାରିବ । ଦାୟିତ୍ୱବୋଧତା ଅଭାବରେ ବେପରୁଆଭାବ ବାକି ରହିଥାଏ, ଯାହାର ପରିଣାମ ବ୍ୟକ୍ତି ଠାରୁ ନେଇ ସାମାଜିକ ଜୀବନରେ ଭୟଙ୍କର ହୋଇଥାଏ । ଦାୟିତ୍ୱହୀନ ବ୍ୟକ୍ତିକୁ କେହି ବି ବଡ଼ ଦାୟିତ୍ୱ ଦେଇ ନ ଥାନ୍ତି, ତା'ର ଚରିତ୍ର ମଧ କର୍ମନିଷ୍ଠାର ଆଧାରରେ ସନ୍ଦିଗ୍ଧ ହିଁ ରହିଥାଏ ।

ବିଚାରଶୀଳତା ଅଭାବରେ ନିର୍ବୋଧତା, ଅଦୂରଦର୍ଶିତା, ମୂର୍ଖତା ଉତ୍ପନ୍ନ ହୋଇଥାଏ, ଯାହାର ଆଧାରରେ କୌଣସି ବଡ଼ ଓ ସାର୍ଥକ ନିର୍ଣ୍ଣୟ ଆଶା କରାଯାଇ ନ ପାରେ, ଜଣେ ବିବେକହୀନ ବ୍ୟକ୍ତି ଠାରୁ ଚରିତ୍ରନିଷ୍ଠାର ଆଶା କରାଯାଇ ନ ପାରେ । ସାହସିକତାର ଅଭାବରେ କାପୁରୁଷତା, ଭୀରୁତା ସୃଷ୍ଟି ହୋଇଥାଏ । ଏହା ଥିଲେ ବୈକ୍ତିଗତ ଜୀବନ ହେଉ ଅଥବା ସାମୂହିକ, ସତ୍ୟ ପକ୍ଷରେ ସାହସ ପୂର୍ବକ ଆଗ୍ରହ ଓ ବୀରତ୍ୱର କଳ୍ପନା କରାଯାଇ ନ ପାରେ । ଜଣେ ନିର୍ଭୀକ ବ୍ୟକ୍ତି ହିଁ ଚରିତ୍ରବାନ୍ ହୋଇପାରେ, ଯିଏ ସତ୍ୟର ସାମନା କରିବା ଏବଂ ନିଆ ଯାଇଥିବା ନିର୍ଣ୍ଣୟର ମୂଲ୍ୟ ଦେବା ପାଇଁ ତତ୍ପର ହୋଇଥାଏ ।

ଏହି ପ୍ରକାର ଉପରୋକ୍ତ ବର୍ଣ୍ଣିତ ସଦ୍‌ଗୁଣଗୁଡ଼ିକର ଅଭ୍ୟାସ ସହିତ ଚରିତ୍ର ଉଜ୍ଜ୍ୱଳ ହୋଇଥାଏ, ବ୍ୟକ୍ତିତ୍ୱ ମୂଲ୍ୟବାନ୍ ହୋଇଥାଏ ଏବଂ ଜୀବନ ସାର୍ଥକ ସଫଳତା ଓ ସ୍ଥାୟୀ ସୁଖ-ସନ୍ତୋଷ ଦିଗରେ ବଢ଼ିଥାଏ । ଚରିତ୍ରନିଷ୍ଠ ବ୍ୟକ୍ତିର ଏହି ଲୋକକୁ ସୁଧାରିଥାଏ ଏବଂ ପରଲୋକକୁ ମଧ । ମାନବ ଜୀବନର ସର୍ବଶ୍ରେଷ୍ଠତା ସହିତ ଯୋଡ଼ି ହୋଇଥିବା ସମସ୍ତ ଫଳଶ୍ରୁତି ଓ ସମ୍ଭାବନା ଏହାର ଆଧାରରେ ସମ୍ଭବ ହୋଇଥାଏ ।

# ଶରୀର ପାଇଁ ଲାଭ ଖଜୁରୀ

**ଖ**ଜୁରୀକୁ ଶୁଖାଇ ଖଜରା ପ୍ରସ୍ତୁତ କରାଯାଏ । ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ, ଆଇରନ ଓ ପୋଷକ ତତ୍ତ୍ୱ ରହିଥାଏ । ଅନ୍ୟ ଫଳ ମାନଙ୍କ ସହ ଖାଇବା ଦ୍ୱାରା ଏଥିରେ ଭିଟାମିନ୍ ଦ୍ୱିଗୁଣିତ ହୋଇ ଯାଇଥାଏ । ଖଜୁରୀରେ କୋଲେଷ୍ଟ୍ରଲର ଭାଗ ନିୟନ୍ତ୍ରିତ ହୋଇଥାଏ । ଦୁଗ୍ଧ ସହ ଖୁଜରୀ ଖାଇବା ଦ୍ୱାରା ଏହାର ଉପକାରିତା ବଢ଼ିଯାଇଥାଏ । ଖଜୁରୀରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ, ଫାଇବର ଭଳି ପୋଷକତତ୍ତ୍ୱ ଥାଏ ଯାହା ଶରୀରକୁ ଶକ୍ତି ଯୋଗାଏ । ଖଜୁରୀରେ ବହୁ ମାତ୍ରାରେ ଫାଇବର ଥିବା ହେତୁ ଶରୀରର ପାଚନ କ୍ରିୟାକୁ ଠିକ୍ ରୂପେ ସନ୍ତୁଳନ କରିବା ସହ, ମେଦ ନିୟନ୍ତ୍ରଣ କରିଥାଏ । ସୁଗାର୍ ମଧ ନିୟନ୍ତ୍ରିତ ହୋଇ ରହିଥାଏ । ଖଜୁରୀରେ ଭିନ୍ନ ଭିନ୍ନ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ରହିଥାଏ ଯାହା ଶରୀରରେ ରୋଗ ପ୍ରତିରୋଧ ଶକ୍ତି ପରି କାର୍ଯ୍ୟ କରିଥାଏ । ବହୁ ଦୁରାତ୍ମ୍ୟ ରୋଗ ଯେପରିକି କର୍କଟ, ହୃଦଘାତ ମଧୁମେହ ହେବାର ସମ୍ଭାବନା କମିଯାଏ । ଖଜୁରୀ ଖାଇବା ଦ୍ୱାରା ମସ୍ତିଷ୍କରେ କାର୍ଯ୍ୟ କରିବା ଶକ୍ତି ବୃଦ୍ଧି ପାଇଥାଏ । ଏଥିରେ ନାଚୁରାଲ୍ ସୁଗାର ଥାଏ ଯାହା ଶରୀରରେ ଶକ୍ତି କ୍ଷରଣ କରିଥାଏ । ଫଳରେ ଅସ୍ଥି ଶକ୍ତ ହୋଇଥାଏ । ଏଥିରେ ଭିଟାମିନ୍ ବି-୫ ଓ ପେଣ୍ଟୋଥେନିକ୍ ଏସିଡ୍ ରହିଛି ଯାହା ମୁଖର ଉଜ୍ୱଳତା ବଢ଼ାଇବା ସହ ଚିର ସତେଜ ରଖିଥାଏ ।



**ଟିକିଏ ହସନ୍ତୁ**

**ଶିକ୍ଷକ ପିଲାଙ୍କୁ:** ସବୁଠାରୁ ବିପଜ୍ଜନକ ନଦୀର ନାମ କ'ଣ ?
**ମଣ୍ଟୁ :** ସାର୍ ଭାବନା ।
**ଶିକ୍ଷକ :** କ'ଣ ?
**ମଣ୍ଟୁ :** ହଁ ସାର, ମୁଁ ଶୁଣିଛି ଏଇଥିରେ କାଳେ ସମସ୍ତେ ଭାସି ଯାଆନ୍ତି ।

× × × ×

**ଶିକ୍ଷକ ରାଜାକୁ :** ପାଠ ପଢେ ନ ହେଲେ ବଡ଼ ହେଲେ ତତେ କେହି ଚାକିରି ଦେବେନି ।
**ରାଜା :** ମୁଁ କାହିଁକି ପଢିବି ? ପାଠ ସିଏ ପଢିବ, ଯିଏ ଚାକିରି କରିବ । ମୁଁ ତ ଚାକିରି ଦେବି ।

× × × ×

କଲେଜରେ ଯୁବତୀଙ୍କୁ ଯୁବକ : ଏ, ଚଲତି ହୈ କ୍ୟା ୯-୧୨ ?
**ଯୁବତୀ :** ଚାଲ୍ ।
**ଯୁବକ :** କୋଉଠି ?
**ଯୁବତୀ :** ପ୍ରିନ୍ସିପାଲ୍‌ଙ୍କ ପାଖକୁ ।
**ଯୁବକ :** ରାଗି ଗଲ । ମୁଁ କ'ଣ ମୋ ଭଉଣୀ ସହ ଟିକେ ମଜା କରିପାରିବିନି ?
**ଯୁବତୀ :** ଭଉଣୀ ! ମୁଁ ତ ପ୍ରିନ୍ସିପାଲଙ୍କ ପାଖକୁ ଛୁଟି ମାଗିବାକୁ ଯିବା ପାଇଁ କହୁଥିଲି ।



× × × ×

**ଝିଅ :** ପଞ୍ଜାବ ଏକ୍ସପ୍ରେସ କେତେବେଳେ ଆସିବ ?
**ଟିଟି :** ପାଞ୍ଚଟା ବେଳେ ।
**ଝିଅ :** ଲୋକାଲ ଟ୍ରେନ୍ ?
**ଟିଟି :** ନଅଟା ବେଳେ ।
**ଝିଅ :** ମାଲଗାଡ଼ି ?
**ଟିଟି :** ଗୋଟାଏ ବେଳେ । କିନ୍ତୁ ଆପଣ କେଉଁଠିକୁ ଯିବେ ?
**ଝିଅ :** କୁଆଡେ ନାହିଁ । ରେଳଧାରଣା ଉପରେ ଶୋଇ ସେଲ୍ଫି ନେବାର ଅଛି ।

× × × ×

**ସ୍ତ୍ରୀ :** କ'ଣ ହେଇଛି ମନ ଦୁଃଖରେ ବସିଛ ?
**ସ୍ୱାମୀ :** କାଲି ରାତିରେ ନ୍ୟୁଜ୍ ଚ୍ୟାନେଲ ବାଲା କହିଥିଲେ ଆସନ୍ତୁ ଆମେ ଆପଣଙ୍କୁ ସିଧା ଦିଲ୍ଲୀ ନେଇଯିବୁ ।
ବାସ୍ ସେତେବେଳୁ ବାହାରିକି ବସିଛି ଏପର୍ଯ୍ୟନ୍ତ କେହି ଆସିନାହାନ୍ତି ।

× × × × ×

**ଝିଅ :** ମତେ ଧନୀ ପୁଅ ବହୁତ ପସନ୍ଦ ।
**ପୁଅ :** ଆଚ୍ଛା ।
**ଝିଅ :** ହଁ ।
**ପୁଅ :** ଟିକେ ରୁହ ମୁଁ ପରେ କଥା ହେଉଛି । ହେଲିକପ୍ଟର ଭିତରେ ପୂରାଇ ଦିଏ ବାହାର ଗଳିରେ ଠିଆ ହେଇଛି ।

× × × × ×

ସ୍ତ୍ରୀ ଆଙ୍ଗୁଳିର ଇଶାରାରେ ସ୍ୱାମୀକୁ ଡାକିଲା ।
**ସ୍ୱାମୀ :** କୁହ କ'ଣ ପାଇଁ ଡାକିଲ ?
**ସ୍ତ୍ରୀ :** କିଛି ନାହିଁ ବାସ୍ ମୁଁ ମୋର ଆଙ୍ଗୁଳିର ଶକ୍ତି ଦେଖୁଥିଲି ।
**ସ୍ୱାମୀ :** କେମିତି ?
**ସ୍ତ୍ରୀ :** ତୁମେ ମୋର ଗୋଟିଏ ଆଙ୍ଗୁଳିର ଇଶାରାରେ ଚାଲିଆସିଲ ।

## ପାଇନ ନଟ୍‌ର ଉପକାରିତା

**କି**ସମିସ୍, ବାଦାମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଫଳପ୍ରଦ । ସେହିପରି ପାଇନ୍ ନଟ୍ ମଧ ଉପକାରୀ । ମୋନୋ ଅନସାଚୁରେଟେଡ ଫ୍ୟାଟ୍ ଆଣ୍ଟିଅକ୍ସିଡାଣ୍ଟରେ ଭରପୁର ପାଇନ ନଟରେ ବହୁ ପୋଷକ ତତ୍ତ୍ୱ ରହିଛି ।

**ପୋଷକ ତତ୍ତ୍ୱରେ ଭରପୁର:** ଏହା ପ୍ରୋଟିନ୍‌ର ସ୍ରୋତ । ଏଥିରେ କାର୍ବୋହାଇଡ୍ରେଟ ମାତ୍ରା ବହୁ କମ୍ ଓ ଫ୍ୟାଟ୍ ଉଚ୍ଚ ମାତ୍ରାରେ ରହିଛି । ଏହା ବ୍ୟତୀତ ଭିଟାମିନ୍ ବି-୧, ବି-୨, ଭିଟାମିନ୍-ସି, ପୋଟାସିୟମ, ମ୍ୟାଗ୍ନେସିୟମ, ଆଇରନ, ଜିଙ୍କ୍, କ୍ୟାଲସିୟମ, ମାଙ୍ଗାନିଜ, କପର ଆଦି ରହିଥାଏ ।

**ପ୍ରତିଦିନ ୫ ଟି ପାଇନ୍ ନଟ୍:** ଏଥିରେ ସମସ୍ତ ପ୍ରକାର ପୋଷକ ତତ୍ତ୍ୱ ରହିଛି । କିଛିଦିନ ଲଗାତର ଭାବେ ୫ଟି



ପାଇନ ନଟ୍ ଖାଇଲେ ରକ୍ତହୀନତା ଦୂର ହୋଇଯାଏ । ମସ୍ତିଷ୍କ ସକ୍ରିୟ ରହେ । ସ୍କିନ ପାଇଁ ବି ଲାଭଦାୟକ । ଛୋଟ ପିଲା ପ୍ରତିଦିନ ୨ ଟି ପାଇନ୍ ନଟ ଖାଇବା ଫଳରେ ସ୍ମୃତି ଶକ୍ତି ବୃଦ୍ଧି ଘଟିଥାଏ । ଅଧିକ ଖାଇଲେ କ୍ଷତିକାରକ ।

**ଉପକାର:** ଏଥିରେ ୯୦ ପ୍ରତିଶତ ଅସଂତୃପ୍ତ ଚର୍ବି ରହିଥାଏ, ଯାହାକି ଉଚ୍ଚ କୋଲେଷ୍ଟେରଲ ସ୍ତରକୁ କଣ୍ଟ୍ରୋଲ କରି ହାର୍ଟକୁ ରକ୍ଷା କରିଥାଏ । ଏହାଦ୍ୱାରା ହୃଦରୋଗ ଆଶଙ୍କା ସାମାନ୍ୟ କମ୍ ହୋଇଯାଏ ।

**ଗର୍ଭବତୀ:** ପାଇନ ନଟ ରକ୍ତ ହୀନତା ଦୂର କରିବାରେ ସହାୟକ ହୋଇଥାଏ । ସେଥିପାଇଁ ଗର୍ଭବତୀ ମହିଳାଙ୍କ ପାଇଁ ଏହା ଖୁବ୍ ଆବଶ୍ୟକ । ଏହାକୁ ଖାଇବା ଫଳରେ ହିମୋଗ୍ଲୋବିନ୍ ସ୍ତର ବୃଦ୍ଧିରେ ସହାୟକ ହୋଇଥାଏ । କିନ୍ତୁ ଗର୍ଭାବସ୍ଥାରେ ୩-୪ ଟି ନଟରୁ ଅଧିକ ଖାଆନ୍ତୁ ନାହିଁ ।

**ଡାଇବେଟିସ୍ ଲାଗି ବେଷ୍ଟ:** ପାଇନ ନଟରେ ରହିଥିବା ଅସଂତୃପ୍ତ ଚର୍ବି ମଧୁମେହ ରୋଗୀଙ୍କ ଲାଗି ହିତକର । ଏହାକୁ ଖାଇବା ଫଳରେ ମଧୁମେହ ନିୟନ୍ତ୍ରଣରେ ରହିଥାଏ ।

**ପ୍ରୋଟିନ୍ ମିଳେ:** ଭେଜିଟେରିଆନଙ୍କ ପ୍ରୋଟିନ ଅଭାବ ହେଉଥିଲେ ତାହାକୁ ପୂରଣ କରିବା ଲାଗି ପାଇନ ନଟ ଉପଯୋଗୀ ସ୍ରୋତ । ଏଥିରେ ଲାଇସିନ୍ ଓ ଏମିନୋ ଏସିଡ୍ ଅଧିକ ମାତ୍ରାରେ ରହିଥାଏ । ଯେଉଁ ଲୋକଙ୍କ ପ୍ରୋଟିନ୍ କମ ରହିଛି ଏମାନେ ପାଇନ ନଟ ଖାଇ ପାରିବେ ।

**ଓଜନ କମ୍ କରେ:** ଯେଉଁମାନେ ଓଜନ କମ୍ କରିବା ପାଇଁ ଚାହୁଁଥାନ୍ତି ସେମାନେ ପାଇନ ନଟ ଖାଇବା ଉଚିତ । ଏହା ଭୋକ ନିୟନ୍ତ୍ରଣ କରେ । ଅତିରିକ୍ତ କ୍ୟାଲୋରୀରୁ ରକ୍ଷା ମିଳିଥାଏ, ଯାହା ଫଳରେ ଶରୀରରେ ଅଧିକ ଚର୍ବି ଜମା ହୋଇ ରହି ନ ଥାଏ ।

## ଶରୀର ପାଇଁ ହିତକର ପୋଇ

**ପୋଇ** ଶୀତଳ, ରୁଚିକର । ତରଳ ଝାଡା, ରକ୍ତହୀନତା ତଥା ରକ୍ତ କର୍କଟ ରୋଗରେ ଲଟା ପୋଇ ବିଶେଷ କାମରେ ଆସିଥାଏ ।

**ରକ୍ତ ହୀନତା ଦୂର କରେ:** ପୋଇରେ ପ୍ରଚୁର ଆଇରନ ରହିଛି, ଯାହାକି ରକ୍ତ ତିଆରି କରିବାର କ୍ଷମତା ରଖିଛି । ଏକ ଅଧ୍ୟୟନ ଅନୁସାରେ ଜଣାପଡିଛି ଆନେମିଆ ରୋଗୀ ପୋଇ ପତ୍ରକୁ ଖାଇବା ଫଳରେ ଖୁବ୍ କମ ଦିନରେ ସେମାନଙ୍କର ରକ୍ତର ଅଭାବ ପୂରଣ ହୋଇଥାଏ ।

**ବୃଦ୍ଧ ହେବାକୁ ଦିଏନି:** ପୋଇରେ ରହିଥିବା ବିଟା କାରୋଟିନ୍, ଲ୍ୟୁଟିନ୍, ଜେକ୍ସାଥିନ ନାମକ ରାସାୟନିକ ତତ୍ତ୍ୱ ବୃଦ୍ଧ ଅବସ୍ଥାରେ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ । ଏଥିପାଇଁ ବୃଦ୍ଧ ଅବସ୍ଥାରେ ପୋଇ ଖାଇବା ଉଚିତ ।

**ତ୍ୱଚାରେ ଚମକ:** ଶୀତଦିନିଆ



ଲଟା ପୋଇରେ ରହିଥିବା ଭିଟାମିନ୍ ଏ' ଶରୀରରେ ଥିବା ଶ୍ଳେଷ୍ମା ଝିଲିକୁ ସୁସ୍ଥ ରଖିବା ସହିତ ତ୍ୱଚାରେ ଚମକ ଆଣିବାରେ ସହାୟକ ହୋଇଥାଏ ।

**ଅନ୍ୟ ଉପଚାର:** ପୋଇରେ ଥିବା ଶୀତଳ ଗୁଣ ଯୋଗୁଁ ପୋଡ଼ା ଘା'ରେ ପୋଇ ପତ୍ର ରସ ଏବଂ ଘିଅ ମିଶାଇ ପ୍ରୟୋଗ କରାଯାଏ ।

ଗର୍ଭବତୀ ମହିଳାଙ୍କ କୋଷ୍ଠ କାଠିନ୍ୟ ସମସ୍ୟା ଦୂର କରିବା ପାଇଁ ନିୟମିତ ସେମାନଙ୍କୁ ପୋଇ ରାଇ ଓ ସନ୍ତୁଳା ଖାଇବାକୁ ଦିଆଯାଏ ।


ପୋଇ ମୂଳର ରସ ଖାଇବା ଫଳରେ ଆମାଶୟ ରୋଗ ଦୂର କରିବା ଲାଗିଥାଏ ।

## ଆପଣ ଜାଣନ୍ତି କି ?

- ସଂସ୍କୃତରୁ ପ୍ରାକୃତ : ପ୍ରାକୃତରୁ ଅପଭ୍ରଂଶ ଏବଂ ଅପଭ୍ରଂଶରୁ ହିନ୍ଦୀର ଉତ୍ପତ୍ତି । କାଳିଦାସଙ୍କ ନାଟକ 'ବିକ୍ରମୋର୍ବଶୀୟମ' ଅପଭ୍ରଂଶରେ ରଚିତ ହୋଇଥିଲା ।
- କର୍ଣ୍ଣାଟକରେ ଅବସ୍ଥିତ ମତ୍ତୁର ଗାଁର ସମସ୍ତ ଲୋକ କେବଳ ସଂସ୍କୃତରେ କଥା ହୁଅନ୍ତି ।
- ଜର୍ମାନିର ଚଉଦଟି ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଭାଷା ବିଷୟ ଭାବେ ପ୍ରଚଳିତ ।
- ପାକିସ୍ତାନ ଓ ଆଫଗାନିସ୍ତାନର ପ୍ରାୟ ଏକ ଲକ୍ଷ ଲୋକ ଭାରତର ପ୍ରାଚୀନ ଭାଷା ବ୍ରାହୁଇରେ କଥା ହୁଅନ୍ତି ।
- ଉର୍ଦ୍ଦୁ ଭାଷାରେ ପ୍ରଚଳିତ ପ୍ରାୟ ଅନେଶତ ପ୍ରତିଶତ କ୍ରିୟା ଶବ୍ଦ ସଂସ୍କୃତ ଓ ପ୍ରାକୃତ ଭାଷାରୁ ଉଦ୍ଧୃତ ।
- ବ୍ରାହ୍ମୀ ସମସ୍ତ ଭାରତୀୟ ଭାଷାର ମୂଳ ଲିପି ।
- ଏକଦା ଆମେରିକାରେ ରହୁଥିବା ଭାରତୀୟଙ୍କୁ ହିନ୍ଦୀ ଭାଷାରେ ଶିକ୍ଷାଦାନ ପାଇଁ ସରକାରୀ ତହବିଲରୁ ୧୧୪ ଲକ୍ଷ ଡଲାର୍ ବ୍ୟୟବରାଦ ହୋଇଥିଲା ।
- 'ଏଲିଫ୍ୟାଣ୍ଟ ସ୍ରିଉ' ମୂଷା ଭଳି ଦେଖାଯାଉଥିବା ଏକ ପ୍ରକାରର ଜୀବ ।
- ଏଲିଫ୍ୟାଣ୍ଟ ସ୍ରିଉର ମୁଣ୍ଡଟି ଗୋଲିଆ ହୋଇ ନାକଟି ଶୁଣ୍ଢ ଭଳି ବଙ୍କି ରହିଥିବାରୁ ଏପରି ନାମକରଣ କରାଯାଇଛି ।
- ଏହି ଜୀବଟି 'ସେଙ୍ଗିସ୍' ନାମରେ ମଧ ଜଣାଯାଏ ।

## କିଡ଼ନୀ ଷ୍ଟୋନକୁ ଦୂର କରେ କମଳା

**କମ**ଳା ଖାଇବାକୁ କିଏ ବା ଭଲ ନ ପାଏ । କମଳା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଏ, ବି ଓ ସି କ୍ୟାଲସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ, ଫସଫରସ ଆଦି ପୋଷକ ତତ୍ତ୍ୱ ରହିଛି ।



**ତ୍ୱଚାକୁ ସୁନ୍ଦର କରେ:** କମଳାରେ ସଞ୍ଚିତ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସୁନ୍ଦର କରିଥାଏ । ଏଥିରେ ଥିବା ଭିଟା କ୍ୟାରୋଟିନ୍ ଗୁଣ ତ୍ୱଚା ଶୁଷ୍କତାକୁ ଦୂର କରିବା ସହିତ ତ୍ୱଚାକୁ କୋମଳ କରିଥାଏ ।

**କୋଲେଷ୍ଟ୍ରଲ କମ୍:** କମଳାରେ ଥିବା ଫାଇବର ଶରୀରରେ କୋଲେଷ୍ଟ୍ରଲ ଦୂର କରିବାରେ ସହାୟକ ହୋଇଥାଏ । କୋଲେଷ୍ଟ୍ରଲ କମ କରିବା ସହିତ ରକ୍ତଚାପ ଆଶଙ୍କା ଦୂର କରିଥାଏ ।

**ଅର୍ଥ୍ରାଇଟିସ୍ ଦୂରକରେ:** ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତଥା ଭିଟାମିନ୍ ସି'ର ଏକ ଉତ୍ତମ ସ୍ରୋତ ରହିଥିବା କାରଣରୁ ରୁମଟାଇଡ୍ ଓ ଆର୍ଥ୍ରାଇଟିସ୍ ତଥା ଆଣ୍ଠୁ ଗଣ୍ଠି ଯନ୍ତ୍ରଣାକୁ ଦୂର କରିଥାଏ ।

**କିଡନୀ ଷ୍ଟୋନ ଦୂର:** କମଳାରେ ଥିବା ଭିଟାମିନ୍ ସି' କିଡନୀକୁ ସୁସ୍ଥ ରଖିଥାଏ । ଏହା ମୂତ୍ରରେ ସାଇଟ୍ରେଟ୍ ସ୍ତର ବଢ଼ାଇବା ସହିତ କିଡନୀରେ ପଥୁରୀ ହେବାକୁ ଦିଏ ନାହିଁ ।

**କ୍ୟାନସର ଦୂର କରେ:** ଏଥିରେ ଥିବା ଜେକ୍ସାଥିନ ଓ କ୍ୟାରୋଟିନୋଇଡ୍ ଶରୀରରେ ବିଭିନ୍ନ ପ୍ରକାର କ୍ୟାନସର କୋଷିକାକୁ ବଢ଼ିବାକୁ ଦିଏ ନାହିଁ । କମଳାରେ ଥିବା ଯୌଗିକ ଲିମୋନୋଇଡସ ଯାହାକି ମୁଖ କର୍କଟ, ସ୍ତନ କର୍କଟ, ଫୁସଫୁସ୍ କର୍କଟ, ତ୍ୱଚା କର୍କଟ, ପେଟ ତଥା ବୃହଦାନ୍ତ କ୍ୟାନସରକୁ ରୋକିବାରେ ସହାୟକ ହୋଇଥାଏ ।

## କହିପାରିବେ କି ?

(୧) କେଉଁ ମସିହାରେ ରୁଷର ୟୁରି ଗାଗାରିନ୍ ପ୍ରଥମ ବ୍ୟକ୍ତି ଭାବରେ ମହାକାଶରେ ପାଦ ଥାପିଥିଲେ ?
(୨) ଜାଲିଆନାୱାଗ୍ ହତ୍ୟାକାଣ୍ଡ କେବେ ହୋଇଥିଲା ?
(୩) ବି.ଆର୍ ଆମ୍ବେଦକରଙ୍କ ଜନ୍ମ କେଉଁ ମସିହାରେ ?
(୪) ଶିଖ୍ ଧର୍ମର ପ୍ରତିଷ୍ଠାତା 'ଗୁରୁ ନାନକ' କେବେ ଜନ୍ମ ହୋଇଥିଲେ ?
(୫) ତାନ୍ତିଆ ଟୋପେ କେବେ ମୃତ୍ୟୁ ବରଣ କରିଥିଲେ ?
(୬) ପ୍ରଥମ ପାନିପଥ ଯୁଦ୍ଧ କେବେ ହୋଇଥିଲା ?
(୭) ସିନେମାର କିମ୍ବଦନ୍ତୀ ନିର୍ମାତା ସତ୍ୟଜିତ୍ ରାୟ କେବେ ମୃତ୍ୟୁ ବରଣ କରିଥିଲେ ?
(୮) କେଉଁ ଦେଶକୁ ପେରସିଆ ମଧ କୁହାଯାଏ ?
(୯) କେଉଁ ଦେଶର ପୁରାତନ ନାମ ଥିଲା ସିଲୋନ୍ ?
(୧୦) ଗ୍ରାଣ୍ଡ କେନିୟାର ମଧ ଭାଗରେ ଗତି କରିଥିବା ନଦୀର ନାମ ?

### JUMBLE WORDS

| | | | |
|---|---|---|---|
| 1) DYDDA | = | 6) DWGEE | = |
| 2) RIKSE | = | 7) SLENSO | = |
| 3) OATTPO | = | 8) TINDAY | = |
| 4) DORUNG | = | 9) ADMYL | = |
| 5) SURTM | = | 10) SWLAH | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୧୯୩୧, ୨.ଜୋନାସ ସଲ୍କ, ୩.ବସନ୍ତ ରୋଗ, ଟୀକା, ୪.ଜେମସ ୱାଟ୍, ୫.ହିଲିୟମ୍, ୬.ବ୍ୟାଟେରି, ୭.ହେନରୀ ବାକ୍ୟୁରେଲ, ୮.୧୨୦ ଦିନ, ୯.ରଣ୍ଟଜେନ୍, ୧୦.୩୦୦,୦୦୦ କିଲୋ/ସେ ।

***Jumble Words* ର ଉତ୍ତର :-**

(1) CROAK (2) DIRTY (3) DOUBLE (4) PRETTY (5) BASIC (6) WRING(7) ONWARD (8) SPEEDY (9) CHAIR (10) ELITE

## ଗୁଣକାରୀ କଲରା

**ସ୍ୱାଦରେ** ପିତା ଲାଗୁଥିଲେ ମଧ କଲରା ପରିବାଟି ଶରୀର ପାଇଁ ଖୁବ୍ ହିତକାରୀ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ଆୟୁର୍ବେଦ ବିଶେଷଜ୍ଞ ଅଞ୍ଜଳି



ସିଂଙ୍କ ମତରେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ମଧ ଏଇ ପରିବାର ଉପଯୋଗିତା ରହିଛି । ବୟସ ବଢ଼ିଲେ ଆଣ୍ଠୁଗଣ୍ଠି ବିନ୍ଧା ଏକ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଥାଏ । ଶୀତଦିନେ ଏହି ରୋଗର ପ୍ରାଦୁର୍ଭାବ ଖୁବ୍ ଅଧିକ । ଏଥିରୁ ରକ୍ଷା ପାଇବାକୁ ହେଲେ କଲରାକୁ ପୋଡି ତାହାକୁ ଭଲଭାବେ ଚକଟି ଏକ କପଡ଼ା ସାହାଯ୍ୟରେ କିଛି ସମୟ ପାଇଁ ଆଣ୍ଠୁରେ ବାନ୍ଧିଲେ ଖୁବ୍ ଆରାମ ମିଳିଥାଏ ।

ମୁଣ୍ଡ ଭାଷଣ ବିନ୍ଧୁଥିଲେ କଲରା ପତ୍ରକୁ ବାଟି ମଥାରେ ଲଗାନ୍ତୁ । କିଛି ସମୟ ମାଲିସ୍ କଲେ ମୁଣ୍ଡ ବିନ୍ଧାରୁ ମୁକ୍ତି ମିଳେ । କଲରା ରସ ପିଇଲେ ତାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ହଜମ ଓ ପାଚନ କ୍ଷମତା ବଢ଼ାଇଥାଏ ।

## ଶରୀର ପାଇଁ ପିଜୁଳି

**ଲଙ୍କାଗୁଣ୍ଡ** ଏବଂ ଲୁଣ ମିଶା ପିଜୁଳିର ସ୍ୱାଦ ସଭିଙ୍କୁ ପସନ୍ଦ । ନାଁ ଶୁଣିଲା ମାତ୍ରକେ ପାଟିରୁ ଲାଳ ବାହାରେ । ପିଜୁଳିରେ ୮୦ ପ୍ରତିଶତ ଜଳ ଥାଏ, ଯାହା ତ୍ୱଚାର ଶୁଷ୍କତାକୁ ନଷ୍ଟ କରିବାରେ ସହାୟ ହୋଇଥାଏ । ଏହାଛଡ଼ା ରୋଗ ପ୍ରତିରୋଧକ



କ୍ଷମତା ବୃଦ୍ଧି କରିଥାଏ । ମଧୁମେହ ରୋଗୀଙ୍କ ପାଇଁ ଏହା ବେଶ୍ ଲାଭକାରୀ । ନିୟମିତ ପିଜୁଳି ସେବନ ଦ୍ୱାରା ଶୀତଦିନେ ହେଉଥିବା ଥଣ୍ଡା, କାଶ ଏବଂ ଜ୍ୱର ଭଳି ସଂକ୍ରମିତ ରୋଗ ଯନ୍ତ୍ରଣାରୁ ଉପଶମ ପାଇ ପାରିବେ । ବିଶେଷକରି ପିଜୁଳିକୁ ତା'ର ବାଜ ସହ ଖାଇବା ବେଶ୍ ଲାଭଦାୟକ ହୋଇଥାଏ । ଯଦ୍ୱାରା ପେଟ ପରିଷ୍କାର ରହିଥାଏ । କୋଲେଷ୍ଟ୍ରୋଲ୍ ସ୍ତର ମଧ ନିୟନ୍ତ୍ରଣରେ ରହେ ।

## ସଂକ୍ଷେପରେ କ୍ରିଷ୍ଣା ପଟେଲ...

ସମ୍ବଲପୁର: ଡକ୍ଟର କ୍ରିଷ୍ଣା ପଟେଲ ଜଣେ ଲୋକପ୍ରିୟ ଏବଂ ବହୁମୁଖୀ ଲୋକଗାୟିକା । ସେ ୧୯୭୮ ମସିହାରେ ନିଜର ସର୍ବାଦୃତ ସମ୍ବଲପୁରୀ ଗୀତ 'ରଙ୍ଗବତୀ ରଙ୍ଗବତୀ' ମାଧମରେ ସମ୍ବଲପୁରୀ ଲୋକ ସଙ୍ଗୀତକୁ ସାରା ବିଶ୍ୱରେ ଲୋକପ୍ରିୟ କରାଇ ପାରିଥିଲେ ।

ଡକ୍ଟର ପଟେଲ ୨୯ ନଭେମ୍ବର ୧୯୫୮ରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମା' ଥିଲେ ଜଣେ ଗାୟିକା । ସେ ପିଲାଟି ଦିନରୁ ମା'ଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ତାଙ୍କ ଠାରୁ 'ଚୌପଦୀ' ଓ 'ଜଣାଣ' ଗାଇବା ଶିଖିଲେ । ପରବର୍ତ୍ତୀ ସମୟରେ ସେ ଔପଚାରିକ ଭାବେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ ।

ବିଶିଷ୍ଟ ଲୋକ ଗାୟକ ସ୍ୱର୍ଗତ ଗୁରୁ ଫକୀର ମୋହନ ପଟ୍ଟନାୟକ, ଗୁରୁ ଅରୁଣ ପ୍ରସନ୍ନ ସେଠ, ଗୁରୁ ପ୍ରଦୀପ ପାତ୍ର, ଗୁରୁ ପ୍ରଭୁଦତ୍ତ ପ୍ରଧାନ ଏବଂ ଗୁରୁ ପ୍ରଫୁଲ ମିତ୍ରଙ୍କ ଠାରୁ ସେ ସଙ୍ଗୀତ ଶିଖିଥିଲେ । ୧୯୭୦ ମସିହାରେ ତାଙ୍କୁ ସମ୍ବଲପୁର ସ୍ଥିତ ଆକାଶବାଣୀରେ ଜଣେ 'ବି' ଗ୍ରେଡ କଳାକାର ଭାବେ ମାନ୍ୟତା ମିଳିଥିଲା ଏବଂ ପରବର୍ତ୍ତୀ ସମୟରେ ସେ 'ଏ' ଗ୍ରେଡ୍ କଳାକାର ଭାବେ ପଦୋନ୍ନତି ପାଇଥିଲେ । ତାଙ୍କର ପ୍ରଥମ ସଙ୍ଗୀତ 'ଯା ଯା କଳା ଭ୍ରମର.... ସମ୍ବଲପୁରୀ ଭାଷାରେ ରେକର୍ଡ ହୋଇ ପ୍ରସାରିତ ହୋଇଥିଲା । ବିନୋଦ ପଶାୟତ ଏହି ଗୀତ ରଚନା କରିଥିଲେ ।

ଏହାପରେ ରାମପ୍ରସାଦ ପୁରୋହିତଙ୍କ ରଚିତ "ମନ ବଗିଚା ଥି ଫୁଟିଛେ ମଲି...", ଜିତେନ୍ଦ୍ର ହରିପାଲଙ୍କ ସହିତ ମିଶି ଗାଇଥିବା ଲୋକପ୍ରିୟ ଯୁଗଳ ସଙ୍ଗୀତ 'ଆୟେ ମାଲତୀ ସୁନା ଗୁରୀ ରେ...", "ଆହା ରେ ଲରି ମଟର... ଭଳି ଅନେକ ଗୀତ ତାଙ୍କୁ ପଶ୍ଚିମ ଓଡ଼ିଶାର କୋକିଳକଣ୍ଠୀ ଭାବେ ପରିଚିତ କରିଥିଲା ।

ଘରେ ଘରେ ପରିଚିତ ସମ୍ବଲପୁରୀ ଯୁଗଳ ସଙ୍ଗୀତ "ରଙ୍ଗ ବତୀ ରଙ୍ଗ ବତୀ...." ଡକ୍ଟର ପଟେଲଙ୍କୁ ବିଶେଷ ପ୍ରସିଦ୍ଧି ଆଣି ଦେଇଥିଲା । ୧୯୭୬-୭୭ ମସିହାରେ ଏହି ଗୀତ ପ୍ରଥମେ ସମ୍ବଲପୁର ଆକାଶବାଣୀ ଦ୍ୱାରା ରେକର୍ଡ କରାଯାଇଥିଲା । ଏଥିରେ କଣ୍ଠଦାନ କରିଥିବା କ୍ରିଷ୍ଣା ପଟେଲ ଏବଂ ତାଙ୍କର ସହଗାୟକ ପଦ୍ମଶ୍ରୀ ପୁରସ୍କାର ବିଜେତା ଜିତେନ୍ଦ୍ର ହରିପାଲ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲେ । ପରବର୍ତ୍ତୀ ସମୟରେ ୧୯୭୯-୮୦ ମସିହାରେ ରଙ୍ଗବତୀ ଗୀତକୁ କୋଲକାତାର ଇଣ୍ଡିଆନ ରେକର୍ଡ କମ୍ପାନୀ (ଆଇଏନଇଆରସିଓ) ପାଇଁ ହିନ୍ଦୁସ୍ତାନ ରେକର୍ଡସ୍ ପକ୍ଷରୁ ପୁନର୍ବାର ରେକର୍ଡ କରାଯାଇଥିଲା । ରଙ୍ଗବତୀ ଗୀତ ବିବିସି ଲଣ୍ଡନ ଏବଂ ରୁଷ ସମେତ ବିଶ୍ୱର ବିଭିନ୍ନ ରେଡିଓ ଷ୍ଟେସନରେ ରେକର୍ଡ ହୋଇଥିଲା । ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଏହି ଗୀତ ବାଜିବା ଫଳରେ ଓଡ଼ିଶାକୁ ସମ୍ମାନ ଓ ପ୍ରତିଷ୍ଠା ମିଳିଥିଲା ।

ଏହି ଗୀତକୁ ସମ୍ମାନ ଜଣାଇବା ଲାଗି ଓଡ଼ିଶା ସରକାର 'ରଙ୍ଗବତୀ ଉତ୍ସବ' ନାମକ ଏକ ମହୋତ୍ସବ ପ୍ରତି ବର୍ଷ ଆୟୋଜନ କରି ଆସୁଛନ୍ତି ଏବଂ ଗୀତର ରଚୟିତା ମିତ୍ରଭାନୁ ଗୌନ୍ତିଆଙ୍କ ପୈତୃକ ଗ୍ରାମକୁ "ରଙ୍ଗବତୀ ବିଲୁଙ୍ଗ ନାମ ଦିଆଯାଇଛି । ୧୯୮୭ ମସିହାରେ ଅନୁଷ୍ଠିତ ମସ୍କୋ ଫେଷ୍ଟିଭାଲ, ୧୯୮୮ ଓ ୧୯୯୯ରେ ଆଣ୍ଡାମାନ ଓ ନିକୋବର ଦ୍ୱୀପସମୂହରେ ଅନୁଷ୍ଠିତ ଦ୍ୱୀପ ମହୋତ୍ସବ, ୨୦୦୦ ମସିହାରେ ଅନୁଷ୍ଠିତ ଫେଟ-ଡି-ପଣ୍ଡିଚେରୀ କାର୍ଯ୍ୟକ୍ରମରେ ଡକ୍ଟର ପଟେଲ ଭାରତର ପ୍ରତିନିଧିତ୍ୱ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଇଣ୍ଡୋନେସିଆର ବାଲିରେ ଅନୁଷ୍ଠିତ ବାଲି ଯାତ୍ରା ମହୋତ୍ସବରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ।

ଓଡ଼ିଶାରେ ଲୋକକଳାକୁ ବଜାୟ ରଖିବା ପାଇଁ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ଲାଗି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତାଙ୍କୁ ୨୦୦୨ ମସିହାରେ ସମ୍ମାନିତ କରିଥିଲା । ସୃଜନଶୀଳ ଲୋକକଳା ଏବଂ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇ ୨୦୧୫ରେ ଭୁବନେଶ୍ୱର ସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନ ଜନକ ଡି. ଲିଟ୍ ଉପାଧିରେ ଭୂଷିତ କରାଯାଇଥିଲା ।

## ଓଡ଼ିଶାର ସମସ୍ତ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆରେ ନାମ ଫଳକ ଲେଖିବା ବାଧତାମୂଳକ

ଭୁବନେଶ୍ୱର : ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ଅଧକ୍ଷତାରେ ଆୟୁକ୍ତ ତଥା ସଚିବ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ, ଶ୍ରମ ଆୟୁକ୍ତ ଏବଂ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ପରିବର୍ତ୍ତିତ ଅଧିନିୟମର କଡାକଡ଼ି ଅନୁପାଳନ କରାଯିବା ପାଇଁ ନିଷ୍ପତ୍ତି କରାଗଲା । ଶ୍ରମ ଆୟୁକ୍ତ ଓଡ଼ିଶାର ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆରେ ନାମଫଳକ ଲଗାଇବା ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀ ଓ ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଏହାର କଡାକଡି ନିରୀକ୍ଷଣ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଚଳିତ ମାସଠାରୁ ଖିଲାପକାରୀଙ୍କୁ ୭ଦିନିଆ ନୋଟିସ ଦିଆଯିବ । ଏହାପରେ ମଧ ଯଦି ଅଧିନିୟମର ଅନୁପାଳନ ନ ହୁଏ, ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ସହିତ ଜୋରିମାନା/ ଲାଇସେନ୍ସ ରଦ୍ଦ କରାଯିବ । ପ୍ରଥମଥର ଖିଲାପକାରୀଙ୍କୁ ୫୦୦୦ ଟଙ୍କା ଜୋରିମାନା ଏବଂ ଦ୍ୱିତୀୟ ଥର ଖିଲାପକାରୀଙ୍କୁ ୨୫୦୦୦ ଟଙ୍କା ତଣ୍ଡ ଗଣିବାକୁ ପଡ଼ିବ । ଜିଲ୍ଲାସ୍ତରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ଶ୍ରମ ଅଧିକାରୀ, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବଜାର ଦୋକାନ ଓ ବାଣିଜ୍ୟ ସଂଘ ସହିତ ପ୍ରତି ମାସରେ ଏକ ବୈଠକ କରି ଏହାର ସମୀକ୍ଷା କରିବା ସହିତ ବିବରଣୀ ଶ୍ରମ ଆୟୁକ୍ତ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗଙ୍କୁ ପ୍ରଦାନ କରିବା ନିମିତ୍ତ ନିର୍ଦ୍ଦେଶ ଦିଆଯାଇଛି ।

ପୂର୍ବରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାର ନାମଫଳକ ଲେଖିବା ବାଧତାମୂଳକ କରାଯାଇଥିଲା । ଏଥିନିମିତ୍ତ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ଦ୍ୱାରା ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ ୧୯୫୬ରେ ଆବଶ୍ୟକୀୟ ସଂଶୋଧନ କରାଯାଇଅଛି । ଏଯାବତ ରାଜ୍ୟର ପୌରାଞ୍ଚଳରେ ମୋଟ ୫୨,୦୦୦ ପଞ୍ଜୀକୃତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ମଧରୁ ପ୍ରାୟତଃ ୪୭,୦୦୦ ପ୍ରତିଷ୍ଠାନରେ ଓଡ଼ିଆର ନାମଫଳକ ଲେଖାଯାଇଅଛି । କିଛି ଖିଲାପକାରୀ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କ ବିରୁଦ୍ଧରେ ମକଦ୍ଦମା ସହିତ ଜୋରିମାନା ମଧ କରାଯାଇଅଛି ।

## ମଦ ଓ ବାଇକ ଜବତ, ଜଣେ ଗିରଫ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ଛକ ନିକଟରେ ଅବକାରୀ ବିଭାଗ ଚଢାଉ କରି ମଦ ଓ ବାଇକ ଜବତ କରିବା ସହ ଜଣକୁ ଗିରଫ କରିଛି । ଗିରଫ ଯୁବକ ଜଣକ ହେଲେ ବହଳପଦର ଗ୍ରାମର ଅକୁର ଭୋଇ । ଉକ୍ତ ଯୁବକ ଜଣକ ବେଆଇନ ମଦ ପ୍ରସ୍ତୁତି କରି ଦୁର୍ଜନତୈଲା ଅଞ୍ଚଳକୁ (ଓଡି ୩୧ଏଚ ୭୬୫୭) ବାଇକ ଯୋଗେ ବିକ୍ରି ପାଇଁ ନେଉଥିଲା । କୌଣସି ସୁତ୍ରରୁ ଖବର ପାଇ ଅବକାରୀ ଏସ ଆଇ ସୁମିତ୍ରା ହେମ୍ବ୍ରମ ଙ୍କ ନେତୃତ୍ୱରେ ଏଏସ ଆଇ ଚିତ୍ତରଞ୍ଜନ ଦାସ, କନେଷ୍ଟବଳ ଗୋପାଳ ଝାଙ୍କର,ସୀତାରାମ ପଧାନ ଉକ୍ତ ଛକ ନିକଟରେ ଚଢ଼ାଉ କରିଥିଲେ । ବାଇକରେ ଯାଉଥିବା ଅକୁରଙ୍କୁ ସନ୍ଦେହ କରି ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ଉକ୍ତ ଯୁବକଙ୍କ ଠାରୁ ବେଆଇନ ଦେଶୀ ରନ୍ଧା ମଦ ପାଇଥିଲେ । ବିଭାଗୀୟ କର୍ମଚାରୀ ମଦ ଓ ବାଇକ ଜବତ କରିବା ସହିତ ଅକୁରଙ୍କୁ ଗିରଫ କରିଥିଲେ । ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

## ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବିଳମ୍ବ ଅଭିଯୋଗ

ସମ୍ବଲପୁର: ସମ୍ବଲପୁର ବିଶ୍ୱବିଦ୍ୟାଳୟର ନିୟମିତ କର୍ମଚାରୀଙ୍କୁ ମାର୍ଚ୍ଚ ମାସର ଦରମା ଦିଆ ସରିଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ୫ ତାରିଖ ସୁଦ୍ଧା ପେନ୍‌ସନ ମିଳିନାହିଁ ବୋଲି ଅଭିଯୋଗ ହୋଇଛି । କର୍ମଚାରୀ ସଂଘର ପୂର୍ବତନ ଉପସଭାପତି ତଥା ଅବସରପ୍ରାପ୍ତ କର୍ମଚାରୀ ରତିକାନ୍ତ ମହାନ୍ତି ଅଭିଯୋଗ କରିଛନ୍ତି ଯେ ବ୍ୟାଙ୍କ୍‌ରେ ଟଙ୍କା ଜମା ହୋଇଥିଲେ ବି ବର୍ତ୍ତମାନ ସୁଦ୍ଧା ପେନ୍‌ସନ ଭୋଗୀଙ୍କ ଆକାଉଣ୍ଟକୁ ଆସି ନାହିଁ । ଏହା ଉପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ଦୃଢ଼ ପଦକ୍ଷେପ ନେଇ ନାହାନ୍ତି । ଏପରି ସମସ୍ୟା କେବେ ହୋଇ ନଥିଲା । ଏହା ଉପରେ କୁଳପତି ଦୃଷ୍ଟି ଦେବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି ।

## ସମିତି ସଭ୍ୟା ପଦ ପାଇଁ ନାମାଙ୍କନ ପତ୍ର ଦାଖଲ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତ ସମିତି ସଭ୍ୟା ପଦ ପାଇଁ ମମତା କର୍ଣ୍ଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସୂଚନା ଯୋଗ୍ୟ, ଉକ୍ତ ପଞ୍ଚାୟତରେ ସମିତି ସଭ୍ୟା ଭାବେ ତନୁଜା ରଣବଂଶୀୟା ନିର୍ବାଚିତ ହୋଇଥିଲେ । ସେ ଅଙ୍ଗନୱାଡ଼ି କର୍ମୀ ଭାବେ ଚୟନ ହେବା ପରେ ସମିତି ସଭ୍ୟା ପଦରୁ ଇସ୍ତଫା ଦେଇଥିଲେ । ଏନେଇ ରାଜ୍ୟ ନିର୍ବାଚନ କମିଶନ ଉପ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ । ଆଗାମୀ ମେ ୨ ତାରିଖ ହେବାକୁ ଥିବା ଏହି ଉପ ନିର୍ବାଚନ ଖବର ପାଇ ପଞ୍ଚାୟତରେ ରାଜ ନୈତିକ ଗତି ବିଧି ଚଳଚଞ୍ଚଳ ହୋଇପଡିଛି । ଏହି ପଦବୀ ପାଇଁ ମମତା କର୍ଣ୍ଣ ତାଙ୍କ ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଆସି ନିଜର ପ୍ରାର୍ଥୀ ପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କ ଠାରେ ଦାଖଲ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫଏସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଉପ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ସମେତ ଆଉ କେତେ ଅଧିକାରୀ ବଦଳିଲେ

ଝାରସୁଗୁଡ଼ା : ଉପନିର୍ବାଚନକୁ ଦୃଷ୍ଟିରେ ରଖି ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲ ଓ ଅନ୍ୟ କେତେକ ଅଧିକାରୀଙ୍କୁ ବଦଳି କରାଯାଇଛି । ଜିଲ୍ଲାପାଳଙ୍କ ସ୍ଥାନରେ ସୁବର୍ଣ୍ଣ ପୁର ଜିଲାପାଳ ଆବୋଲି ସୁନୀଲ ନରୱାଣେଙ୍କୁ ଯୋଗ ଦେଇଛନ୍ତି ।

ସେହିପରି ଜିଲ୍ଲାର ଦୁଇଟି ତହସିଲଦାର ଓ ଜଣେ ଅତିରିକ୍ତ ତହସିଲଦାରଙ୍କୁ ବଦଳି କରାଯାଇଛି । କିର୍ମିରାର ନୂତନ ତହସିଲଦାର ଭାବରେ ଗାଇସିଲେଟର ପୂର୍ବତନ ତହସିଲଦାର ସୁନୀଲ ମେହେର ଏବଂ ନାକଟିଦେଉଲର 'ତହସିଲଦାର ସୁକାନ୍ତ ନାଏକ କୋଲାବିରା ନୂତନ ତହସିଲଦାର ଭାବରେ ନିଯୁକ୍ତ ହୋଇଛନ୍ତି । ଏହାଛଡ଼ା ରେଢ଼ାଖୋଲର ପୂର୍ବତନ ଉପ ଜିଲ୍ଲାପାଳ ପ୍ରତିଷ ପଣ୍ଡା ଝାରସୁଗୁଡ଼ାର ନୂତନ ଅତିରିକ୍ତ ତହସିଲଦାର ଭାବରେ ନିଯୁକ୍ତ ହୋଇଛନ୍ତି ।

ସୂଚନା ଯୋଗ୍ୟ, ପୂର୍ବତନ ସାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ପରେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ କେନ୍ଦ୍ର ମୁଖ୍ୟନିର୍ବାଚନ କମିଶନର ଆସନ୍ତା ମେ ୧୦ତାରିଖରେ ଉପନିର୍ବାଚନ ପାଇଁ ଘୋଷଣା କରିଛନ୍ତି । ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନର କଡାକଡି ଭାବେ ନିର୍ଦ୍ଦେଶ ଦେଇଛନ୍ତି । ଝାରସୁଗୁଡାରେ ଉପନିର୍ବାଚନ ଅବାଧ ଓ ନିରପେକ୍ଷତାକୁ ନେଇ ଝାରସୁଗୁଡା ଆଂଚଳିକ ପରିବେଶ ସୁରକ୍ଷା ସଂଘ ପ୍ରଶ୍ନ ଉଠାଇଥିଲା । ଜିଲ୍ଲାରେ ୩ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଜିଲାପାଳ ସରୋଜ କୁମାର ସାମଲଙ୍କ ସମେତ ଅନ୍ୟାନ କେତେକ ପ୍ରଶାସନିକ ଅଧିକାରୀମାନେ କାମ କରୁଛନ୍ତି । ଏହି ଅଧିକାରୀମାନେ ଉପନିର୍ବାଚନ ପରିଚାଳନାକୁ କିଭଳି ଅବାଧ ଓ ନିରପେକ୍ଷ କରିପାରିବେ ସେନେଇ ସଂଘ ପ୍ରଶ୍ନ ଉଠାଇଥିଲା ।

ଏ ସମ୍ପର୍କରେ ସଂଘର ସଭାପତି ସତ୍ୟନାରାୟଣ ରାଓ ଆରଟିଆଇ ଜରିଆରେ ଜିଲ୍ଲାରେ କେଉଁ ପ୍ରଶାସନିକ ଅଧିକାରୀମାନେ ୩ ବର୍ଷରୁ ଉର୍ଦ୍ଧ କାଳ କାର୍ଯ୍ୟ କରି ଆସୁଛନ୍ତି ତାର ଏକ ତାଲିକା ମାଗିଥିଲେ । ତାଲିକାରେ ଜିଲାପାଳ ସରୋଜ କୁମାର ସାମଲଙ୍କ ସମେତ ୫ଜଣଙ୍କ ନାମ ରହିଥିଲା । ଏହାକୁ ଆଧାର କରି ସଂଘର ଶ୍ରୀ ରାଓ କେନ୍ଦ୍ର ମୁଖ୍ୟ ନିର୍ବାଚନ କମିଶନଙ୍କୁ ଦିଲ୍ଲୀରେ ଭେଟି ଜିଲ୍ଲାରେ ୩ବର୍ଷରୁ ଅଧିକ କାମ କରୁଥିବା ଜିଲାପାଳ ସାମଲଙ୍କ ସମେତ ପ୍ରଶାସନିକ ଅଧିକାରୀମାନଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଥିଲେ ।

# ଅତାବିରା ଓ ହିନ୍ଦୋଳ ଏନଏସି ନିର୍ବାଚନରେ ବିଜେଡିର ବାଜିମାତ୍



ବରଗଡ଼ : ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନରେ ବିଜେଡି ୧୨ଟି କାଉନସିଲର ଆସନରୁ ୧୧ଟିରେ ବିଜୟୀ ହୋଇଛି । ପ୍ରଥମ ଥର ପାଇଁ ସିଧାସଳଖ ନିର୍ବାଚନ ହୋଇଥିବା ଅଧ୍ୟକ୍ଷ ଆସନକୁ ବିପୁଳ ଭୋଟ ବ୍ୟବଧାନରେ ଜିଣି ବିଜେଡି ନୂଆ ରେକର୍ଡ଼ କରିଛି । ବିଜେଡିର ବନମାଳୀ ବରିହା ଏନଏସି ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି । ସାମଗ୍ରିକ ଭୋଟହାରରୁ କଂଗ୍ରେସର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଥିବା ବେଳେ ଲଗାତାର ତୃତୀୟ ଏନଏସି ନିର୍ବାଚନରେ ମଧ ବିଜେପିର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି ।

ପ୍ରକାଶ ଯୋଗ୍ୟ, ଅତାବିରା ଏନଏସି ଗଠନ ପରେ ପ୍ରଥମ ଥର ନିର୍ବାଚନରେ ବିଜେଡି ଓ କଂଗ୍ରେସ ଦଳ ୬ଟି ଲେଖାଏଁ ୱାର୍ଡ଼ରେ ବିଜୟ ଲାଭ କରିଥିବା ବେଳେ କଂଗ୍ରେସ କାଉନସିଲ ଗଠନ କରିଥିଲା । ସେହିଭଳି ଦ୍ୱିତୀୟ ଟର୍ମରେ ବିଜେଡି ସମସ୍ତ ୧୨ଟିଯାକ ଆସନ ପୋଛି ନେଇ ରେକର୍ଡ଼ ସ୍ଥାପନ କରିଥିବା ବେଳେ ତୃତୀୟ ଟର୍ମରେ ମଧ ବିଜେଡି ସଫଳ ହୋଇଛି । ତେବେ ଅଧ୍ୟକ୍ଷ ପଦବିରେ ସର୍ବନିମ୍ନ ଭୋଟହାର ଦଳ ପାଇଁ ଚିନ୍ତାଜନକ ସାଜିଛି । କଂଗ୍ରେସ ଗୋଟିଏ ୱାର୍ଡ଼ରେ ବିଜୟ ଲାଭ କରିବା ସହିତ ଅଧ୍ୟକ୍ଷ ପଦବିରେ ଦ୍ୱିତୀୟ ସର୍ବାଧିକ ଭୋଟ ହାତେଇଛି ।

ଉଲ୍ଲେଖଯୋଗ୍ୟ ୧୨ଟି ୱାର୍ଡ଼ରେ ୧୬ଟି ବୁଥରେ ମୋଟ ୧୦୦୪୯ ଖଣ୍ଡ ମତଦାନ ହୋଇଥିବା ବେଳେ ଏକାକୀ ବିଜେଡ଼ି ଦଳ ଅନ୍ୟ ଦୁଇ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମୋଟ ଭୋଟଠାରୁ ଦେଢ଼ଗୁଣ ଅଧିକ ଭୋଟ ପାଇଛନ୍ତି ।

ସେହିପରି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳନ ଏନଏସିରେ ଶାସକ ବିଜେଡି ଦଳ ଲଗାତାର ଦ୍ୱିତୀୟ ଥର ପାଇଁ ବିଜୟ ହାସଲ କରିଛି । ବିଜେଡିର କେଶବ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିବା ବେଳେ ୧୬ଟି ୱାର୍ଡ଼ରୁ ୧୧ଟିରେ ବିଜେଡି ଏବଂ ୫ଟାରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । କଂଗ୍ରେସ ଦଳ ଏଠାରେ ଖାତା ଖୋଲି ପାରି ନାହିଁ ।

# ଡାକ୍ତର ନାରାୟଣୀ ପଣ୍ଡା ଆଇଟି ସେଣ୍ଟର୍ ଉଦ୍‌ଘାଟିତ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଡାକ୍ତର ନାରାୟଣୀ ପଣ୍ଡା ଆଇଟି ସେଣ୍ଟର୍ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି କେନ୍ଦ୍ରରେ ବିଶ୍ୱବିଦ୍ୟାଳର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଅଞ୍ଚଳର ଗରିବ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ପାଠ ପଢ଼ିବାର ସୁଯୋଗ ମିଳିବ । ମୋ କଲେଜ/ ବିଶ୍ୱବିଦ୍ୟାଳୟ ଅଭିଯାନ ଯୋଜନାରେ ଏହି କେନ୍ଦ୍ର କାର୍ଯ୍ୟକାରୀ ହୋଇଛି । ଏଥି ପାଇଁ ଅବସର ପ୍ରାପ୍ତ ଡାକ୍ତର ତଥା ସମାଜସେବୀ ଡାକ୍ତର ନାରାୟଣୀ ପଣ୍ଡା ୩୦ ଲକ୍ଷ ଟଙ୍କା ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଡାକ୍ତର ନାରାୟଣୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପ କୁଳସଚିବ ଡକ୍ଟର ଉମାଚରଣ ପତିଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ କୁଳସଚିବ ଯୁଗଳେଶ୍ୱରୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଜିଏମ୍‌ୟୁର ମୋ କଲେଜ ସଂଯୋଜିକା ଡକ୍ଟର ମଧୁମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



# ବରଗାଁରେ ୯୧ତମ ୨୪ ପ୍ରହରୀ ନାମଯଜ୍ଞ





ସମ୍ବଲପୁର : ବରଗାଁରେ ଶ୍ରୀ ଶ୍ରୀ ନାମ ନବମୀ ମହୋତ୍ସବ ଅବସରରେ ୯୧ ତମ ୨୪ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳର ବହୁ କୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଯୁଯୁମୁରା ରାମ ବଡ଼ମାଳର ସପନି ବିନଝାଲ ଓ ସୁବର୍ଣ୍ଣପୁର ଜିଲ୍ଲା ଯୌରାର ରୀତା ଭୋଇ, ରଙ୍ଗୀନ କୀର୍ତ୍ତନର ବୈଠକୀ କରିଥିବା ବେଳେ ବରଗଡ଼ ଜିଲ୍ଲାର ଲୁରୁପାଲିର ଭାନୁମତି ସେଠ୍ ଓ ଜଟଲା ଶ୍ରୀଗିଡ଼ାର ଅଞ୍ଜନା ଦେହୁରୀ ଉଦଣ୍ଡୀ ବୈଠକୀ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ, ଶଙ୍କରଲାଲ ଅଗ୍ରୱାଲ, ମୋତିଲାଲ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀ ସନ୍ତୋଷ ବାରିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଯୁବ ସମାଜସେବୀ ପୂର୍ଣ୍ଣେନ୍ଦୁ ସରକାରଙ୍କ ପରଲୋକ

ସମ୍ବଲପୁର : ସ୍ଥାନୀୟ ବଡ଼ବଜାରର ବଙ୍ଗାଳୀପଡ଼ା ବାସିନ୍ଦା ଯୁବ ସମାଜସେବୀ ପୂର୍ଣ୍ଣେନ୍ଦୁ ସରକାର (କୁନୁ)ଙ୍କ ଭେଲୋର ଠାରେ ଚିକିତ୍ସାଧିନ ଅବସ୍ଥାରେ ୪୫ ବର୍ଷ ବୟସରେ ପରଲୋକ ଘଟିଛି । ଗତ ୧୮ ତାରିଖ କୁନୁ ଚିକିତ୍ସା ପାଇଁ ଭେଲୋର ଯାଇଥିଲେ ଓ ସେଠାରେ ତାଙ୍କର କାନର ଅପରେସନ ହୋଇଥିଲା । ଏହା ପରେ ସେ ସୁସ୍ଥ ଅନୁଭବ କରିଥିଲେ, ମାତ୍ର ପରେ ହୃଦ୍‌ଘାତ ହେବାରୁ ସେଠାରେ ତାଙ୍କ ପରଲୋକ ହୋଇ ଯାଇଛି । କୁନୁ ପତ୍ନୀ ଓ ଏକମାତ୍ର ପୁଅ ଦେବ ସରକାର (୧୧)ଙ୍କୁ ଛାଡ଼ି ଯାଇଛନ୍ତି । ବଡ଼ଭାଇ ଗଣେଶ (ଶୁଭେନ୍ଦୁ) ସରକାରଙ୍କ ସହ ମିଶି ସେ ବରେଇପାଲି ଠାରେ 'ଗୁରୁ ଡିଜେଲ' ଖୋଲି ବ୍ୟବସାୟ କରୁଥିଲେ । ଜଣେ ଧର୍ମପ୍ରାଣ ଭାବେ ଅଞ୍ଚଳରେ ସେ ବେଶ ପରିଚିତ ଥିଲେ । ୨୦୨୦ରେ ଅମରନାଥ ଯାତ୍ରା କରିଥିବା କୁନୁ ବାଲିବନ୍ଧା ସୋମନାଥ ବାବା ମନ୍ଦିର, ସମଲେଶ୍ୱରୀ ମନ୍ଦିର, ମାନେଶ୍ୱର ମାନଧାତା ମନ୍ଦିର ତଥା ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ମାରୱାଡ଼ି ଯୁବ ସମାଜ ସହ ଜଡ଼ିତ ରହି ବିଭିନ୍ନ ସମାଜ ମଙ୍ଗଳ କାମ ପାଇଁ ସେ ଆଗେଇ ଆସୁଥିଲେ ।



# ଝାରସୁଗୁଡ଼ାର ନୂତନ ଜିଲ୍ଲାପାଳ

ଝାରସୁଗୁଡ଼ା : ଝାରସୁଗୁଡ଼ାର ନୂତନ ଜିଲ୍ଲାପାଳ ରୂପେ ଅବୋଲି ନରୱାଣେ ଯୋଗ ଦେଇଛନ୍ତି । ପୂର୍ବରୁ ସେ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ଥିଲେ । ୨୦୧୫ ବ୍ୟାଚର ଆଇ.ଏ.ଏସ୍ ଅଧିକାରୀ ନରୱାଣେ ଜଣେ ଦକ୍ଷ ଅଧିକାରୀ ରୂପେ ପରିଚିତ । ପୂର୍ବରୁ ଏଠାରେ ଥିବା ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ବଦଳି ହେବା ପରେ ତାଙ୍କ ସ୍ଥାନରେ ସେ ଯୋଗ ଦେଇଛନ୍ତି ।



# ସମାଜସେବୀ ବଂଶୀଧର କର ସମ୍ବର୍ଦ୍ଧିତ



ସମ୍ବଲପୁର : ଧନକଉଡା ବ୍ଲକ ଶାସନ ପଞ୍ଚାୟତ ବିଶାଲ ଖିଣ୍ଡା ଗ୍ରାମରେ ଆୟୋଜିତ ରାମଲୀଳା ମହୋତ୍ସବରେ ସମାଜସେବୀ କଳାରତ୍ନ ବଂଶୀଧରଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସଭାପତି ଶ୍ରୀ ଦୁର୍ଗାପ୍ରସାଦ ପୁଜାରୀଙ୍କ ସମେତ କମ୍ୟୁନିଟି ପୋଲିସର କର୍ମକର୍ତ୍ତା ମାନେ ମଞ୍ଚରେ ଉପସ୍ଥିତ ଥିଲେ ।



# ଅଗ୍ରୱାଲ ସମ୍ମେଳନ ପକ୍ଷରୁ କ୍ଷେତରାଜପୁରରେ ଅଗ୍ର ଭାଗବତ କଥା

ସମ୍ବଲପୁର : ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମେଳନର ସମ୍ବଲପୁର ଶାଖା ପକ୍ଷରୁ ତିନିଦିନ ବ୍ୟାପୀ ଶ୍ରୀ ଅଗ୍ର ଭାଗବତ କଥା ଆୟୋଜନ କରାଯାଇଥିଲା । ଏଥିରେ ମହାମଣ୍ଡଳେଶ୍ୱର ଆଚାର୍ଯ୍ୟ ନର୍ମଦା ଶଙ୍କର ପ୍ରତ୍ୟହ ତିନି ଘଣ୍ଟା ଧରି ପ୍ରବଚନ ଦେଇଥିଲେ । ଏହି ଅବସରରେ ସମଲେଶ୍ୱରୀ ମନ୍ଦିର ଠାରୁ ଏକ କଳସ ଶୋଭାଯାତ୍ରା କଥାସ୍ଥଳ ଅଗ୍ରସେନ ଭବନକୁ ଆସିଥିଲା । ଶୋଭାଯାତ୍ରାରେ ନାଗା ବାବାଙ୍କ ସମେତ ଘଣ୍ଟ ଓ ଶଙ୍ଖ ଦଳ ଏବଂ ନିଶାନ ସ୍ଥାନ ପାଇଥିଲା । ଶତାଧିକ ମହିଳା ଓ ଭକ୍ତ ଏଥିରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ସଭାପତି ଆଡଭୋକେଟ୍ ଦୀନଦୟାଲ ଅଗ୍ରୱାଲ, ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମେଳନର ସମ୍ବଲପୁର ଶାଖାର ଅଧ୍ୟକ୍ଷ ଶଙ୍କର ଅଗ୍ରୱାଲ, ମହିଳା ସମ୍ମେଳନର ଅଧ୍ୟକ୍ଷା ଶ୍ରୀମତୀ ବିନ୍ଦୁ ଅଗ୍ରୱାଲ ଓ ସଚିବ ଶ୍ରୀମତୀ ସବିତା ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।











Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra